CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୧ ◆ ଭୁବନେଶ୍ୱର ◆ ସୋମବାର ◆ ଜାନୁୟାରୀ ୧୨ରୁ ଜାନୁୟାରୀ ୧୮, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-21 ◆ Bhubaneswar ◆ Monday ◆ January 12 to January 18, 2026 ◆ Page-8 ◆ Price Rs.4.00


## ସ୍ୱାଭିମାନ ପର୍ବ ଭାରତର ଆତ୍ମ-ଗୌରବର ପ୍ରତୀକ: ପ୍ରଧାନମନ୍ତ୍ରୀ

ଗାନ୍ଧୀନଗର,(ସ୍ୱ.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ୩ ଦିନିଆ ସୋମନାଥ ମନ୍ଦିର ଗସ୍ତର ଦ୍ୱିତୀୟ ଦିନରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ମନ୍ଦିର ପରିସରରୁ ଦେଶବାସୀଙ୍କୁ ସୋମନାଥ ସ୍ୱାଭିମାନ ପର୍ବରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି ପ୍ରଧାନମନ୍ତ୍ରୀ। ମୋଦୀ ନିଜ ଅଭିଭାଷଣ 'ଜୟ ସୋମନାଥ' ନାରାରୁ ଆରମ୍ଭ କରିଥିଲେ ଯାହା ସମଗ୍ର ମନ୍ଦିର ପରିସରରେ ପ୍ରତିଧ୍ୱନିତ ହୋଇଥିଲା ଏବଂ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହର ଲହରୀ ସୃଷ୍ଟି କରିଥିଲା। ମୋଦୀ କହିଥିଲେ ଯେ ସୋମନାଥ ସ୍ୱାଭିମାନ ପର୍ବ ଲକ୍ଷ ଲକ୍ଷ ଭାରତୀୟଙ୍କ ଅନନ୍ତ ବିଶ୍ୱାସ, ଭକ୍ତି ଏବଂ ଅଟଳ ସଂକଳ୍ପର ଏକ ଜୀବନ୍ତ ପ୍ରତିଫଳନ। ଏହି ପର୍ବ କେବଳ ଏକ ଘଟଣା ନୁହେଁ, ବରଂ ଭାରତର ଅନନ୍ତ ଚେତନା, ସାଂସ୍କୃତିକ ଐତିହ୍ୟ ଏବଂ ସ୍ୱାଭିମାନର ପ୍ରତୀକ। ମନ୍ଦିର ଉପରେ ଉଡୁଥିବା ପତାକା ମଧ୍ୟ ବିଶ୍ୱକୁ ଭାରତର ଶକ୍ତି ଏବଂ ଆତ୍ମାର ସ୍ମରଣ କରାଉଛି। ପ୍ରଧାନମନ୍ତ୍ରୀଙ୍କ କହିବାନୁସାରେ ସୋମନାଥ ସ୍ୱାଭିମାନ ପର୍ବ ହଜାର ବର୍ଷର ଯାତ୍ରାର ପ୍ରତୀକ, ଏହା ଭାରତର ଅସ୍ତିତ୍ୱ ଏବଂ ଆତ୍ମ-ଗୌରବର ଉତ୍ସବ ଭାବେ ଛିଡା ହୋଇଛି। ସୋମନାଥର ଇତିହାସ ବିନାଶ କିମ୍ବା ପରାଜୟର ନୁହେଁ, ଏହା ବିଜୟ ଏବଂ ନବୀକରଣର ଇତିହାସ। ଯେଉଁମାନେ ସୋମନାଥ ଧ୍ୱଂସ ପାଇଁ ଆସିଥିଲେ ଆଜି ସେମାନେ ଇତିହାସର ଅଳ୍ପକିଛି ପୃଷ୍ଠାରେ ସୀମିତ ହୋଇ ରହିଛନ୍ତି, କିନ୍ତୁ ସୋମନାଥ ମନ୍ଦିର ଏବେ ବି ସମୁଦ୍ରକୁ ମୁହଁ କରି ଛିଡ଼ା ହୋଇଛି, ଆସ୍ଥାର ପ୍ରତୀକ ଏହାର ପତାକା ଉଡୁଛି। ସୋମନାଥ ଦର୍ଶାଉଛି ଯେ ସୃଷ୍ଟି ପାଇଁ ସମୟ ଲାଗିଥାଏ, କିନ୍ତୁ କେବଳ ଏହା ହିଁ ତିଷ୍ଠି ରହିଥାଏ। ସୋମନାଥ ମନ୍ଦିର ରକ୍ଷା ପାଇଁ ପ୍ରାଣବଳି ଦେଇଥିବା ଲୋକମାନଙ୍କୁ ସମ୍ମାନ ଜଣାଇବା ପାଇଁ ଆୟୋଜିତ ଏକ ଆନୁଷ୍ଠାନିକ ଆୟୋଜିତ ଶୋଭାଯାତ୍ରା 'ଶୌର୍ଯ୍ୟ ଯାତ୍ରା'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସକାଳ ୯.୪୫ ମିନିଟ୍ ସମୟରେ ଅଂଶଗ୍ରହଣ କରିଛନ୍ତି। ଏହି ଯାତ୍ରାରେ ୧୦୮ ଟି ଘୋଡାର ଏକ ପ୍ରତୀକାତ୍ମକ ଶୋଭାଯାତ୍ରା କରାଯାଇଥିଲା ଯାହାକି ବୀରତ୍ୱ ଏବଂ ବଳିଦାନକୁ ପ୍ରତିଫଳିତ କରୁଛି। ପ୍ରକାଶ, ପ୍ରଧାନମନ୍ତ୍ରୀ ମୋଦୀ ବାବା ସୋମନାଥଙ୍କ ଦର୍ଶନ ସହ ଜଳାଭିଷେକ ତଥା ପୂଜାର୍ଚ୍ଚନା କରିଥିଲେ। ପରେ ସନ୍ଧ୍ୟାରେ ସୋମନାଥ ମନ୍ଦିରରେ 'ଓଁକାର ମନ୍ତ୍ର' ନାମ ସଂକୀର୍ତ୍ତନରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସେହିପରି ଏଠାରେ ପ୍ରଦର୍ଶନୀକୁ ମଧ୍ୟ ପ୍ରଧାନମନ୍ତ୍ରୀ ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ପ୍ରମୁଖ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଉପସ୍ଥିତ ଥିଲେ। ଏଠାରେ ଭିନ୍ନ ଭିନ୍ନ ପ୍ରକାର ଆତସବାଜି କରାଯିବା ସହ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍‌ଙ୍କ ସନ୍ନିବେଷ୍ଟିତ ଶୋ' ତଥା ଥ୍ରୀ ଡି' ଶୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଡ୍ରୋନ୍ ଶୋ' ମାଧ୍ୟମରେ ଶତାବ୍ଦୀ ଶତାବ୍ଦୀ ଧରି ଐତିହାସିକ ମନ୍ଦିର ସମ୍ମୁଖୀନ ହୋଇଥିବା ଅନେକ ଘଟଣା ଅଘଟଣକୁ ତଥା ଏହାର ଉତ୍ଥାନ ଏବଂ ସ୍ଥିରତାକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା



## ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ଜାନୁଆରୀ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାସ୍ତାରୁ 'ବାଲିସଫା' ତାଗିଦ୍

ଭୁବନେଶ୍ୱର,(ଜା.ପ୍ର): ରାସ୍ତାରେ ବାଲି, ମାଟି, ଅଳିଆ, ରାସ୍ତା ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହେଉଥିବା ବଳକା ସାମଗ୍ରୀ ପଡ଼ିବା ଯୋଗୁଁ ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟୁଛି। ରାସ୍ତାରେ ବାଲି ଯୋଗୁଁ ରାଜଧାନୀ ଭୁବନେଶ୍ୱରରେ ଜଣେ ସାମ୍ବାଦିକଙ୍କ ସହ ୨ ଜଣଙ୍କ ଜୀବନ ଚାଲିଯିବା ପରେ ରାଜ୍ୟ ସରକାର ଚେତିଛନ୍ତି। ରାସ୍ତାରୁ ବାଲି ହଟାଇବା ପାଇଁ କଡ଼ା ତାଗିଦ କରାଯାଇଛି। ଅସୁରକ୍ଷିତ ରାସ୍ତାକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ ବିଭାଗ, ପୌରପାଳିକା, ଏନଏସି ସମେତ ସମସ୍ତ ସଡ଼କ ନିର୍ମାଣକାରୀ ଏବଂ ରକ୍ଷଣାବେକ୍ଷଣ ସଂସ୍ଥାଗୁଡ଼ିକୁ ଚିଠି ଜାରି ହୋଇଛି। ଯେଉଁଥିରେ ରାସ୍ତାକୁ ଅସୁରକ୍ଷିତ କରୁଥିବା ବାଲି, ମାଟି, ଅଳିଆ, ରାସ୍ତା ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହେଉଥିବା ବଳକା ସାମଗ୍ରୀ ହଟାଇବାକୁ କୁହାଯାଇଛି। ରାସ୍ତାରେ ଏସବୁ ପଡିବା ଦ୍ୱାରା ଗାଡ଼ି ଚକା ଖସିବାର ଏବଂ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ବିଶେଷକରି, ଦୁଇଚକିଆ ଚାଳକଙ୍କ ପାଇଁ ଏହା ବିପଦପୂର୍ଣ୍ଣ ହୋଇଥାଏ। ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ଏ ଦିଗରେ ସଂପୃକ୍ତ ସଂସ୍ଥା ଗୁଡ଼ିକ ଯତ୍ନବାନ ହେବାକୁ କୁହାଯାଇଛି। ମୋଟର ଯାନ ଆଇନ, ୧୯୮୮ର ଧାରା ୧୯୮(କ) ରେ ମଧ୍ୟ ଉଲ୍ଲେଖ ରହିଛି, ରାସ୍ତା ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ପାଳନ କରିବାରେ ବିଫଳତା କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ସମସ୍ତ ଏଜେନ୍ସିଙ୍କୁ ନିୟମିତ ଭାବେ ସଡ଼କ ପରିଷ୍କାର କରିବା, ବାଲି କିମ୍ବା ଅନ୍ୟ କିଛି ସାମଗ୍ରୀ ରାସ୍ତାରେ ରହିଲେ ତାକୁ ତୁରନ୍ତ ବାହାର କରିବାକୁ କୁହାଯାଇଛି। ଦୁର୍ଘଟଣାପ୍ରବଣ ସ୍ଥାନ, ସମ୍ବେଦନ ସଡ଼କ ଚିହ୍ନଟ କରି ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ଜଣାଇବେ, ଦୁର୍ଘଟଣା ତଦନ୍ତ ସମୟରେ ଯେକୌଣସି ତ୍ରୁଟି ଦେଖାଗଲେ ତାହାକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ତାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ଦୁର୍ଘଟଣାଗ୍ରସ୍ତଙ୍କୁ ମିଳିବ ତୁରନ୍ତ ଏବଂ ସୁନିଶ୍ଚିତ ଚିକିତ୍ସା

## ଓପିଡି ବିଲ୍‌ଡିଂ ବି ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଦୁଇଦିନିଆ ସମ୍ବଲପୁର ଗସ୍ତ ଅବସରରେ ଆଜି ସମ୍ବଲପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ନୂତନ ଭାବେ ନିର୍ମିତ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଏବଂ ଓପିଡି ବିଲ୍‌ଡିଂର ଶୁଭ ଉଦ୍‌ଘାଟନ କରିଛନ୍ତି।

ଟ୍ରମା କେୟାର ସେଣ୍ଟର ଓ ଓପିଡି ନିର୍ମାଣ ପାଇଁ ସରକାର ପକ୍ଷରୁ ମୋଟ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହା ମାଧ୍ୟମରେ ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କୁ ତୁରନ୍ତ ଏବଂ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ। ଏହା ସହିତ ଡାକ୍ତରଖାନା ପରିସରରେ ୨ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସିଏସ୍‌ଏସ୍‌ଡି ବିଲ୍‌ଡିଂର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଏଠାରେ ଆଧୁନିକ ପ୍ରଣାଳୀ ମାଧ୍ୟମରେ ବିଭିନ୍ନ ଚିକିତ୍ସା ସାମଗ୍ରୀ ଓ ଇକ୍ୟୁପମେଣ୍ଟକୁ ସଫା ଓ ଷ୍ଟେରିଲାଇଜ୍ କରାଯିବ।

ଉଦ୍‌ଘାଟନ ଅବସରରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଦୁର୍ଘଟଣା ହାର ବଢ଼ି ଚାଲିଥିବାରୁ ପ୍ରତ୍ୟେକ ଜିଲ୍ଲାରେ ଟ୍ରମା କେୟାର ସେଣ୍ଟରର ଆବଶ୍ୟକତା ବୃଦ୍ଧି ପାଇଛି। ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଏବଂ ସୁନିଶ୍ଚିତ ଚିକିତ୍ସା ଯୋଗାଇଦେବା ଏହାର ମୂଳ ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଦାୟିତ୍ୱ ନେବାର ୧୩ ଦିନ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରି ରାଜ୍ୟର ସମସ୍ତ ସରକାରୀ ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ବଡ଼ ସରକାରୀ ଡାକ୍ତରଖାନାରେ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ସମୁଦାୟ ୮୯ଟି ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଖୋଲିବାକୁ ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ଦୁର୍ଘଟଣା ଜନିତ ମୃତ୍ୟୁ ଓ କ୍ଷୟକ୍ଷତି ସଂଖ୍ୟା କମିବା ସହ ଆହତମାନେ ସମୟରେ ଉତ୍ତମ ଚିକିତ୍ସା ପାଇପାରିବେ। ସେ ପୁଣି କହିଥିଲେ ଯେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ରାଜ୍ୟ ସରକାର ବିଭିନ୍ନ ଡାକ୍ତରଖାନାକୁ ଅପଗ୍ରେଡ୍ କରୁଥିବା ବେଳେ ଆଜି ସମ୍ବଲପୁର ଡାକ୍ତରଖାନାର ନୂଆ ଓପିଡି ବିଲ୍‌ଡିଂ ଉଦ୍‌ଘାଟନ ମଧ୍ୟ ଏହାର ଏକ ଅଂଶ। ଏହି ସମସ୍ତ ନୂଆ ସ୍ୱାସ୍ଥ୍ୟ ଭିତ୍ତିଭୂମି ଦ୍ୱାରା ସମ୍ବଲପୁର ଜିଲ୍ଲାବାସୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକ ଓ ଆଧୁନିକ ସେବା ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଭୁଲ୍ ସ୍ୱୀକାର କଲା ଏକ୍ସ'

ନୂଆଦିଲ୍ଲୀ,(ସ୍ୱ.ପ୍ର): ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ' ଏହାର ବିଷୟବସ୍ତୁ ନିୟନ୍ତ୍ରଣ ତ୍ରୁଟିକୁ ସ୍ୱୀକାର କରିଛି। କମ୍ପାନୀ କହିଛି ଯେ ଏହା ଅଶ୍ଳୀଳ ଚିତ୍ର ସୃଷ୍ଟିକୁ ସମ୍ପୂର୍ଣ୍ଣ ନିଷେଧ କରିବ ଏବଂ ଭାରତୀୟ ଆଇନ ପାଳନ କରିବ। ସରକାରୀ ସୂତ୍ର ଅନୁଯାୟୀ, ଅଶ୍ଳୀଳ ବିଷୟବସ୍ତୁ ଭାଇରାଲ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ଲାଟଫର୍ମ କହିଛି ଯେ ଏହା ୩,୫୦୦ ରୁ ଅଧିକ ବିଷୟବସ୍ତୁକୁ ଅବରୋଧ କରିଛି ଏବଂ ୬୦୦ ରୁ ଅଧିକ ଆକାଉଣ୍ଟକୁ ଡିଲିଟ୍ କରିଛି। ଏକ୍ସ ଦର୍ଶାଇଛି ଯେ, ଅଶ୍ଳୀଳ ଏବଂ ନିଷିଦ୍ଧ ବିଷୟବସ୍ତୁ ହଟାଇବାକୁ ଆଇଟି ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ଏକ୍ସ କାର୍ଯ୍ୟ କରିଛି। ସୂତ୍ର ଅନୁଯାୟୀ ଏକ୍ସ ଏଆଇ ଟୁଲ୍ ଗ୍ରୋକ୍‌ର ଅପବ୍ୟବହାରର ସମ୍ଭାବନାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛି। ଏକ୍ସ ଏହା ମଧ୍ୟ ପ୍ରତିଶ୍ରୁତି ଦେଇଛି, ଭବିଷ୍ୟତରେ କୌଣସି ଅଶ୍ଳୀଳ ବିଷୟବସ୍ତୁକୁ ଅନୁମତି ଦେବ ନାହିଁ। ରିପୋର୍ଟ ଅନୁସାରେ ଶିବସେନା (ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଜାନୁଆରୀ ୨ ତାରିଖରେ ଏଆଇ ଚାଟବଟ୍ ଗ୍ରୋକ୍'ର ଅପବ୍ୟବହାର ସମ୍ପର୍କରେ ଆଇଟି ମନ୍ତ୍ରୀଙ୍କୁ ଏକ ଚିଠି ଲେଖିଥିଲେ। ଏହା ପରେ, କେନ୍ଦ୍ର ସରକାର ସେହି ଦିନ ଏକ୍ସ'କୁ ଏଆଇ ଆପ୍ ଗ୍ରୋକ୍ ଦ୍ୱାରା ସୃଷ୍ଟି ହେଉଥିବା ଅଶ୍ଳୀଳ ଏବଂ ଅଶ୍ଳୀଳ ବିଷୟବସ୍ତୁକୁ ତୁରନ୍ତ ହଟାଇବାକୁ ନଚେତ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେବା ପୂର୍ବକ ଏକ ନୋଟିସ୍ ଜାରି କରିଥିଲେ। ଏତଦ୍‌ବ୍ୟତୀତ ଜାନୁଆରୀ ୭ ସୁଦ୍ଧା ଏହା ଉପରେ ମନ୍ତ୍ରଣାଳୟ ଜବାବ ତଲବ କରିଥିଲା।


CMYK

ଜାତୀୟ ଚେତନା
JATIYA CHETANA



# ଭାରତକୁ ଭେନେଜୁଏଲା ତେଲ ଦେବ ଆମେରିକା



ୱାଶିଂଟନ୍ ଡିସି,(ସ୍ୱ.ପ୍ର): ଆମେରିକା ଭେନେଜୁଏଲାରୁ ତେଲ କିଣିବା ପାଇଁ ଭାରତକୁ ଅନୁମତି ଦେଇପାରେ। ମିଡିଆ ରିପୋର୍ଟ ଅନୁସାରେ ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଅଧିକାରୀଙ୍କ ଅନୁସାରେ ଏ ସବୁ ଆମେରିକାର ଦେଖରେଖ ଏବଂ ସର୍ତ୍ତ ସହିତ ହେବ। ତେବେ ଏହି ଜଡ଼ିତ ସର୍ତ୍ତ ସମ୍ପର୍କରେ ଏବେ ସୁଦ୍ଧା କୌଣସି ସୂଚନା ମିଳିପାରି ନାହିଁ। ଏହାର ଅର୍ଥ ଆମେରିକାର ପ୍ରତିବନ୍ଧ କାରଣରୁ ଯେଉଁ ବ୍ୟାପାର ଅଟକି ରହିଥିଲା, ତାହା ଏବେ ପୁଣିଥରେ ଆରମ୍ଭ ହୋଇପାରେ। ସେହିପରି ରୟଟର୍ସ ରିପୋର୍ଟ ଅନୁସାରେ ଭାରତର ଅନ୍ୟତମ ବଡ଼ ଘରୋଇ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭେନେଜୁଏଲା ତେଲ କିଣିବା ପାଇଁ ଆମେରିକା ତାକୁ ଅନୁମତି ଦେଉ ବୋଲି ମଧ୍ୟ ଚାହୁଁଛି। ଏଥିପାଇଁ କମ୍ପାନୀ ଉଦ୍ୟମ ମଧ୍ୟ ଆରମ୍ଭ କରିଦେଇଛି।

ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ବିଶ୍ୱର ବଡ଼ ତେଲ କମ୍ପାନୀଗୁଡ଼ିକର ଶୀର୍ଷ ଅଧିକାରୀଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ଭେନେଜୁଏଲା ତେଲ କ୍ଷେତ୍ରରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ନିବେଶ କଥା କହିଛନ୍ତି।ଭେନେଜୁଏଲା ପେଟ୍ରୋଲିୟମ୍ ଏକ୍ସପୋର୍ଟିଂ କଣ୍ଟ୍ରିଜ୍ (ଓପେକ୍)ର ସଦସ୍ୟ ଅଛି। ଦେଶରେ ବିଶ୍ୱର ସବୁଠୁ ବଡ଼ ତେଲ ଭଣ୍ଡାର ରହିଛି। କିନ୍ତୁ ବୈଶ୍ୱିକ ସପ୍ଲାଇର କେବଳ ମାତ୍ର ୧ ପ୍ରତିଶତ ଦେଇଥାଏ। ଆମେରିକାର ୨୦୧୯ରେ ଭେନେଜୁଏଲା ଉପରେ କଡ଼ା ଆର୍ଥିକ ପ୍ରତିବନ୍ଧ (ସାଙ୍କସନ୍) ଲଗାଇଥିଲା। ଏପରିକି ଆମେରିକା ସେକେଣ୍ଡରୀ ସାଙ୍କ୍ସନ୍ ମଧ୍ୟ ଲଗାଇଥିଲା। ଅର୍ଥାତ ଯେଉଁ ଦେଶ କିମ୍ବା କମ୍ପାନୀ ଭେନେଜୁଏଲାରୁ ତେଲ କିଣିବେ, ସେମାନଙ୍କୁ ଆମେରିକା ବଜାରେ ବ୍ୟାପାର କିମ୍ବା ବ୍ୟାଙ୍କିଙ୍ଗ୍ ସୁବିଧାରୁ ହାତ ଧୋଇବାକୁ ପଡ଼ିବ। ଏହି କାରଣରୁ ଭାରତ ସମେତ ବହୁ ଦେଶ ଭେନେଜୁଏଲାରୁ ତେଲ କିଣିବା ବନ୍ଦ କରିଦେଇଥିଲେ। ମିଡିଆ ରିପୋର୍ଟ ଅନୁସାରେ ଭାରତ ସେତେବେଳେ ନିଜର ମୋଟ ତେଲ ଆମଦାନିର ପ୍ରାୟ ୬ ପ୍ରତିଶତ ଭେନେଜୁଏଲାରୁ ନେଉଥିଲା।ଯଦି ଭାରତକୁ ପୁଣିଥରେ ଭେନେଜୁଏଲାର ତେଲ କିଣିବାର ଅନୁମତି ମିଳିଯାଏ, ତେବେ ତାକୁ ଅଲଗା ଅଲଗା ଦେଶରୁ ତେଲ ମଗାଇବାର ଆଉ ଏକ ବିକଳ୍ପ ମିଳିଯିବ। ଏହା ଦ୍ୱାରା ଭାରତର ବର୍ଦ୍ଧିତ ଶକ୍ତି ଆବଶ୍ୟକତା ପୂରଣ କରିବାରେ ସହାୟତା ମିଳିବ।

# ମହାରାଷ୍ଟ୍ର ପୌର ନିର୍ବାଚନ: କ୍ଷମତା ପାଇଁ କଂଗ୍ରେସ ସହ ମେଣ୍ଟ କଲା ବିଜେପି

ମୁମ୍ବାଇ,(ସ୍ୱ.ପ୍ର): ରାଜନୀତିରେ କ୍ଷମତା ପାଇବା ପାଇଁ କିଛି ବି ହୋଇପାରେ। ଶତ୍ରୁକୁ ମଧ୍ୟ ଆପଣାଇବାକୁ ପଡିଲେ ଆପଣାଇ ନିଆଯାଏ। ଏହା କୌଣସି ଏକ ଉପାଖ୍ୟାନ ନୁହେଁ ବରଂ ରାଜନୀତିରେ ଘଟୁଥିବା ବାସ୍ତବିକ ଘଟଣା ଆଧାରରେ ଏହା ଏକ ଉଦାହରଣ ପାଲଟିଯାଇଛି। ଏପ୍ରକାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ମହାରାଷ୍ଟ୍ର ପୌର ନିର୍ବାଚନ ଅନ୍ତର୍ଗତ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ମହାରାଷ୍ଟ୍ରର ଅମ୍ବରନାଥ ପୌରପାଳିକା ନିର୍ବାଚନରେ କେବଳ କ୍ଷମତାକୁ ହାତେଇବା ପାଇଁ ବିଜେପି ଓ କଂଗ୍ରେସ ଭଳି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ହାତ ମିଳାଇଛନ୍ତି। ଏହି ଆସନରେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଦଳ ଶିବସେନା (ଶିନ୍ଦେ ଗୋଷ୍ଠୀ) ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଏହାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ବିଜେପି ଏବଂ କଂଗ୍ରେସ ମଧ୍ୟରେ ଏକ ବିରଳ ମେଣ୍ଟ ହୋଇଥିଲା ବୋଲି ଜଣାପଡିଛି। ମହାରାଷ୍ଟ୍ରର ସ୍ଥାନୀୟ ନେତାମାନେ ନିର୍ବାଚନ ଫଳାଫଳ ପରେ ଏହି ମେଣ୍ଟ ଘୋଷଣା କରିଛନ୍ତି।

୬୦ ଆସନ ବିଶିଷ୍ଟ ଅମ୍ବରନାଥ ପୌର ପରିଷଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଡିସେମ୍ବର ୨୦ ତାରିଖରେ ଭୋଟ୍ ଗଣତି ପ୍ରକ୍ରିୟା ଏବଂ ଫଳାଫଳ ଘୋଷଣା ହୋଇଥିଲା। ଏଥିରେ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏକାକୀ ସର୍ବାଧିକ ୨୭ଟି ଆସନ ଜିତିଥିଲା। ତଥାପି ବହୁମତ (୩୦ ଆସନ) ଠାରୁ ଶିନ୍ଦେଙ୍କ ଶିବସେନା ଗୋଷ୍ଠୀ ୪ଟି ଆସନ ପଛରେ ରହିଯାଇଥିଲା। ଅନ୍ୟପକ୍ଷେ ବିଜେପି ୧୪ଟି, କଂଗ୍ରେସ ୧୨ଟି ଏବଂ ଏନ୍‌ସିପି ୪ଟି ଆସନ ପାଇଥିଲା। ସେହିପରି ଦୁଇ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନିର୍ବାଚିତ ହୋଇଥିଲେ। ତେବେ ଶିନ୍ଦେଙ୍କ ଶିବସେନା ରାଜ୍ୟ ସରକାରରେ ବିଜେପିର ଅନ୍ୟତମ ପ୍ରମୁଖ ସହଯୋଗୀ ଦଳ ଥିଲେ ମଧ୍ୟ ସ୍ଥାନୀୟ ବିଜେପି ନେତାମାନେ କିନ୍ତୁ କଂଗ୍ରେସ ଏବଂ ଏନ୍‌ସିପି ସହିତ ବୁଝାମଣା କରିଥିଲେ। ବିଜେପି, କଂଗ୍ରେସ ଏବଂ ଏନ୍‌ସିପିର ସମସ୍ତ ବିଜୟୀ ପ୍ରାର୍ଥୀଙ୍କ ସହ ବିଜୟ ଲାଭ କରିଥିବା ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମଧ୍ୟ ନିଜ ପକ୍ଷକୁ ନେବାରେ ସଫଳ ହୋଇଥିଲା। ଏପରି କରି ବିଜେପି-କଂଗ୍ରେସ-ଏନ୍‌ସିପି ଆବଶ୍ୟକ ଥିବା ୩୧ଟି ଆସନ ସହ ବହୁମତ ହାସଲ କରିଥିଲା। ଅନ୍ୟପକ୍ଷେ ଏପ୍ରକାର ଘଟଣାରେ ତୀବ୍ର ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ୍ କହିଛନ୍ତି ଯେ,ଏପରି ମେଣ୍ଟ ଗ୍ରହଣୀୟ ନୁହେଁ ଏବଂ ଏହାକୁ ଭାଙ୍ଗି ଦିଆଯିବ। ଏହାସହ ସ୍ଥାନୀୟ ନେତାମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ମହାରାଷ୍ଟ୍ର କଂଗ୍ରେସ ମଧ୍ୟ ନିଜର ସମସ୍ତ ବିଜୟୀ ୧୨ କାଉନ୍‌ସିଲରଙ୍କ ସହ ଅମ୍ବରନାଥ ବ୍ଲକ ସଭାପତି ପ୍ରଦୀପ ପାଟିଲଙ୍କୁ ଜରୁରିକାଳୀନ ପ୍ରଭାବ ଆଧାରରେ ଦଳରୁ ନିଲମ୍ବିତ କରିଛି।

# ପରମାଣୁ କ୍ଷମତାକୁ ବ୍ୟାପକ କରିବ ଭାରତ

ନୂଆଦିଲ୍ଲୀ,(ସ୍ୱ.ପ୍ର): ଭାରତ ଏବେ ନିଜ ଆଣବିକ କ୍ଷମତାକୁ ବ୍ୟାପକ କରିବା ଦିଗରେ ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ରିପୋର୍ଟ ଅନୁସାରେ ଦେଶର ସବୁଠାରୁ ବଡ଼ ସରକାରୀ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଏନ୍‌ଟିପିସି (ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ୍) ଏବେ ଦେଶରେ ପରମାଣୁ ଶକ୍ତି କ୍ଷମତା ବୃଦ୍ଧି କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି। ଦେଶରେ ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ାଇବା ଲକ୍ଷ୍ୟରେ ଏନ୍‌ଟିପିସି ଓଡ଼ିଶା ସମେତ ପ୍ରାୟ ୬ଟି ରାଜ୍ୟ (ଗୁଜରାଟ ଏବଂ ମଧ୍ୟପ୍ରଦେଶ ସମେତ)ରେ ପ୍ରାୟ ୩୦ଟି ସମ୍ଭାବ୍ୟ ସ୍ଥାନକୁ ଚିହ୍ନଟ କରିଛି ଏବଂ ଏସବୁ ସ୍ଥାନରେ ଅନୁଧ୍ୟାନ ପ୍ରକ୍ରିୟା ଆରମ୍ଭ କରିଦେଇଛି। ତେବେ ନିର୍ଦ୍ଦିଷ୍ଟ ସ୍ଥାନ ସମ୍ପର୍କରେ କୌଣସି ସୂଚନା ଦେବାକୁ ଏନ୍‌ଟିପିସି ଏବେ ସିଧାସଳଖ ମନା କରିଦେଇଛି। ଏନ୍‌ଟିପିସି ଦର୍ଶାଇଛି ଯେ, ଏହି ପ୍ରକଳ୍ପ ଏହାର ସ୍ୱଚ୍ଛ ଶକ୍ତି ପୋର୍ଟଫୋଲିଓ ବିସ୍ତାର କରିବାର ଏକ ଯୋଜନାର ଅଂଶ ବିଶେଷ। ତେବେ ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ସ୍ଥାନ ଚୟନ ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ଏନ୍‌ଟିପିସିର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସୂତ୍ରରେ ସୂଚନା ଦେଇଛନ୍ତି ଯେ, ଏସବୁ ନୂତନ ପରମାଣୁ କେନ୍ଦ୍ରଗୁଡ଼ିକ ଜନବସତିଠାରୁ ଅତିକମରେ ୧ କିଲୋମିଟର ଦୂରରେ, କମ୍ ଭୂକମ୍ପ ପ୍ରବଣ ଅଞ୍ଚଳ ଏବଂ ଜଳଉତ୍ସ ନିକଟରେ ନିର୍ମାଣ କରାଯିବ।

# ଆସନ୍ତା ମାସରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍

ନୂଆଦିଲ୍ଲୀ,(ସ୍ୱ.ପ୍ର): ନିଜ ସରକାରୀ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭାରତୀୟ ଏଆଇ ଷ୍ଟାର୍ଟଅପ୍‌ଙ୍କ ସହ ଏକ ଗୋଲଟେବୁଲ ବୈଠକ କରିଛନ୍ତି। ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ଅନ୍ତର୍ଗତ 'ସମସ୍ତଙ୍କ ପାଇଁ ଏଆଇ : ଗ୍ଲୋବାଲ ଇମ୍ପାକ୍ଟ ଆହ୍ୱାନ' ଲାଗି ଯୋଗ୍ୟତା ଅର୍ଜନ କରିଥିବା ୧୨ଟି ଭାରତୀୟ ଷ୍ଟାର୍ଟଅପ୍ ଏଥିରେ ସାମିଲ ହେବା ପୂର୍ବକ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ସେମାନଙ୍କର ଚିନ୍ତାଧାରା ଓ କାର୍ଯ୍ୟର ଉପସ୍ଥାପନା କରିଥିଲେ। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ସ୍ୱାସ୍ଥ୍ୟସେବା, ବହୁଭାଷୀ ଏଲ୍‌ଏଲ୍‌ଏମ୍, ମ୍ୟାଟେରିଆଲ ରିସର୍ଚ୍ଚ, ଡାଟା ଆନାଲିଟିକ୍ସ, ଇଞ୍ଜିନିୟରିଂ ସିମୁଲେସନ୍ ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଷ୍ଟାର୍ଟଅପ୍‌ଗୁଡ଼ିକ ଏଆଇ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ଏବଂ ବିଶାଳ ଭବିଷ୍ୟତ ସମ୍ଭାବନା ଉପରେ ଆଲୋକପାତ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏଆଇ ନବସୃଜନ ଏବଂ ନିୟୋଜନର କେନ୍ଦ୍ର ଭାରତକୁ ସ୍ଥାନାନ୍ତରିତ ହେଉଛି। ଏହି ପରିପ୍ରେକ୍ଷୀରେ ଷ୍ଟାର୍ଟଅପ୍‌ଗୁଡ଼ିକ ଏଆଇ ଇକୋସିଷ୍ଟମକୁ ଆଗକୁ ବଢାଇବା ପାଇଁ ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଷ୍ଟାର୍ଟଅପ୍ ଏବଂ ଏଆଇ ଉଦ୍ୟୋଗୀମାନେ ଭାରତର ଭବିଷ୍ୟତର ସହ-ନିର୍ମାତା ବୋଲି ଅଭିହିତ କରିଛନ୍ତି। ଆଜିର ବୈଠକରେ ସାମିଲ ହୋଇଥିବା ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ଯେ ଭାରତୀୟ ଏଆଇ ମଡେଲଗୁଡ଼ିକ ସ୍ଥାନୀୟ ଏବଂ ସ୍ୱଦେଶୀ କଣ୍ଟେଣ୍ଟ ଏବଂ ଆଞ୍ଚଳିକ ଭାଷାକୁ ପ୍ରୋତ୍ସାହିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ଭାରତୀୟ ଏଆଇ ମଡେଲଗୁଡ଼ିକ ନୈତିକ, ନିରପେକ୍ଷ, ସ୍ୱଚ୍ଛ ଏବଂ ତଥ୍ୟ ଗୋପନୀୟତାର ନୀତି ଉପରେ ଆଧାରିତ ହେବା ଉଚିତ୍। ଏତଦ୍‌ବ୍ୟତୀତ ଭାରତୀୟ ଏଆଇ ମଡେଲଗୁଡ଼ିକର ସଫଳତା ପାଇଁ ସମ୍ପୂର୍ଣ୍ଣ ସମର୍ଥନ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଭାରତ-ବାଂଲାଦେଶ ସମ୍ବନ୍ଧ ସୁଧାରିବାକୁ ଉଦ୍ୟମ

ଢାକା,(ସ୍ୱ.ପ୍ର): ଭାରତ ଓ ବାଂଲାଦେଶ ମଧ୍ୟରେ କେତେକ କାରଣକୁ ନେଇ ବର୍ତ୍ତମାନ ଉତ୍ତେଜନାପୂର୍ଣ୍ଣ ପରିବେଶ ରହିଛି। ଏହି ଅବସରରେ ଦୁଇ ଦେଶ ମଧ୍ୟର ରାଜନୈତିକ ଏବଂ କୂଟନୈତିକ ବାର୍ତ୍ତାଳାପକୁ ମଜଭୁତ କରିବା ପାଇଁ ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ହାଇକମିଶନର୍ ପ୍ରଣୟ କୁମାର ବର୍ମା ବାଂଲାଦେଶ ନାସ୍‌ନାଲିଷ୍ଟ୍ ପାର୍ଟି (ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ୍ ଖାଲିଦା ଜିୟାଙ୍କ ପୁତ୍ର ତାରିକ୍ ରହମାନ୍‌ଙ୍କୁ ଭେଟିଛନ୍ତି। ଏହି ସାକ୍ଷାତକାର ବେଳେ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସମ୍ବନ୍ଧ ଏବଂ ସହଯୋଗ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।

ଉଲ୍ଲେଖଯୋଗ୍ୟ, ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ବନ୍ଧରେ ଏବେ ଚରମ ଉତ୍ତେଜନା ଦେଖିବାକୁ ମିଳିଛି। ବାଂଲାଦେଶରେ ଲଗାତାର ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାର ଏହାର ବଡ଼ କାରଣ। ଏହା ପୂର୍ବରୁ ବିଦେଶ ମନ୍ତ୍ରଣାଳୟ ମଧ୍ୟ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଉତ୍ପୀଡ଼ନକୁ ନିନ୍ଦା କରିଛି। ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଆମେ ଲଗାତାର ଦେଖିବାକୁ ପାଉଛୁ ଚରମପନ୍ଥୀଙ୍କ ପକ୍ଷରୁ ସଂଖ୍ୟାଲଘୁଙ୍କ ସହିତ ସେମାନଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ବାରମ୍ବାର ଆକ୍ରମଣ ହେଉଛି। ଏପରି ସାମ୍ପ୍ରଦାୟିକ ଘଟଣାକୁ ତତ୍କାଳ ଏବଂ କଠୋର ଭାବେ ପ୍ରତିହତ କରାଯିବା ଆବଶ୍ୟକ। ଏପରି ଘଟଣାକୁ ବ୍ୟକ୍ତିଗତ ପ୍ରତିଦ୍ୱନ୍ଦ୍ୱିତା, ରାଜନୈତିକ ମତଭେଦ କିମ୍ବା ବାହାର କାରଣ ସହିତ ଯୋଡ଼ିବା ପ୍ରବୃତ୍ତି ଚିନ୍ତାଜନକ। ସେ କହିଛନ୍ତି ଏପରି ଅଣଦେଖା ଅପରାଧୀଙ୍କୁ ଆହୁରି ନିର୍ଭୀକ କରିବା ସହିତ ସଂଖ୍ୟାଲଘୁଙ୍କ ମଧ୍ୟରେ ଆତଙ୍କ ଏବଂ ଅସୁରକ୍ଷା ଭାବନାକୁ ଆହୁରି ଗଭୀର କରୁଛୁ। ସୂଚନାଯୋଗ୍ୟ, ବାଂଲାଦେଶରେ ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ଆକ୍ରମଣ ଥମିବାର ନାଁ ଧରୁନାହିଁ। ଉସ୍‌ମାନ୍ ହାଦି ହତ୍ୟା ପରେ ସୃଷ୍ଟି ହୋଇଥିବା ହିଂସାକାଣ୍ଡରେ ୧୮ ଦିନ ମଧ୍ୟରେ ୬ ହିନ୍ଦୁଙ୍କ ହତ୍ୟା ହୋଇସାରିଛି। ଏହା ମଧ୍ୟରୁ ଗତ ୨୪ ଘଣ୍ଟା ମଧ୍ୟରେ ଦୁଇଟି ହତ୍ୟାକାଣ୍ଡ ଘଟିଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି ହତ୍ୟାକାଣ୍ଡ ପରେ ମଧ୍ୟ ବାଂଲାଦେଶର ମହମ୍ମଦ ୟୁନୁସ୍ ସରକାର ଚୁପ୍ ବସିଛି।

# ଫେବୃଆରୀ ୧ରେ ପୂର୍ଣ୍ଣାଙ୍ଗ ବଜେଟ୍

ନୂଆଦିଲ୍ଲୀ,(ସ୍ୱ.ପ୍ର): ୨୦୨୬-୨୭ ଅର୍ଥ ବର୍ଷ ପାଇଁ ସଂସଦ ଉଭୟ ସଦନରେ ଆଗତ ହେବ ପୂର୍ଣ୍ଣାଙ୍ଗ ବଜେଟ୍। ଭାରତ ସରକାରଙ୍କ ସୁପାରିଶ କ୍ରମେ, ରାଷ୍ଟ୍ରପତି, ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବଜେଟ୍ ଅଧିବେଶନ ୨୦୨୬ ପାଇଁ ସଂସଦର ଉଭୟ ଗୃହକୁ ଡକାଇବାକୁ ଅନୁମୋଦନ କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଆସନ୍ତା ୨୮ରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ୨୯ରେ ଅର୍ଥନୈତିକ ସର୍ଭେ-୨୦୨୬ ଉପସ୍ଥାପନ କରିବା ସହ ଫେବୃଆରୀ ୧ରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସୂଚନାନୁସାରେ ଏଥର ବଜେଟ୍ ଅଧିବେଶନକୁ ୨ଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୨୮ରୁ ଆରମ୍ଭ ହୋଇ ୧୩ ଫେବୃଆରୀ ଯାଏ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ୍ ୨ ଯାଏ ଚାଲିବ। ଏସମ୍ପର୍କରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଅଧିବେଶନର ପ୍ରଥମ ଦିନରେ ଅର୍ଥାତ୍ ଜାନୁଆରୀ ୨୮ ତାରିଖରେ ସଂସଦର ଉଭୟ ଗୃହରେ ରାଷ୍ଟ୍ରପତି ନିଜ ପାରମ୍ପରିକ ଅଭିଭାଷଣ ରଖିବା ପୂର୍ବକ ତାଙ୍କ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଅନ୍ତର୍ଗତ ପୂର୍ବବର୍ଷଗୁଡ଼ିକରେ ମିଳିଥିବା ସଫଳତା ଏବଂ ଆଗାମୀ ବର୍ଷ ପାଇଁ ଆଶା କରାଯାଉଥିବା ଉପଲବ୍ଧିଗୁଡ଼ିକ ସମ୍ପର୍କରେ ସମ୍ୟକ ସୂଚନା ଦେବେ। ତେବେ ଚଳିତ ବଜେଟ୍ ଅଧିବେଶନ ଅନେକ କାରଣରୁ ସ୍ୱତନ୍ତ୍ର ହେବାକୁ ଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରଣାଳୟର ମୁଖ୍ୟ ଅର୍ଥ ସଚିବଙ୍କ ଅନୁପସ୍ଥିତିରେ ଏହି ବଜେଟ୍‌କୁ ଏଥର ପ୍ରସ୍ତୁତ କରାଯାଉଛି। ବରିଷ୍ଠତମ ସଚିବ ଏବଂ ସମାନମାନଙ୍କ ମଧ୍ୟରେ ପ୍ରଥମ ଭାବରେ ବିବେଚିତ ଅର୍ଥ ସଚିବ ସାଧାରଣତଃ ବଜେଟ୍ ସମ୍ବନ୍ଧୀୟ କାର୍ଯ୍ୟର ସମନ୍ୱୟ ଏବଂ ମନ୍ତ୍ରଣାଳୟର ଦୈନନ୍ଦିନ କାର୍ଯ୍ୟ ତଦାରଖ କରିବାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରନ୍ତି। ତଥାପି, ପୂର୍ବତନ ଅର୍ଥନୈତିକ ବ୍ୟାପାର ସଚିବ ଅଜୟ ସେଠ, ଯାହାଙ୍କୁ ଅର୍ଥ ସଚିବ ଭାବରେ ମଧ୍ୟ ମନୋନୀତ କରାଯାଇଥିଲା, ଜୁନ୍ ୩୦, ୨୦୨୫ ରେ ଅବସର ନେବା ପରଠାରୁ ଏହି ପଦବୀ ଖାଲି ରହିଛି। ଅର୍ଥ ସଚିବ ପଦ ଖାଲି ଥିବା ସତ୍ତ୍ୱେ ଅର୍ଥ ମନ୍ତ୍ରଣାଳୟ କିନ୍ତୁ ଦୃଢ଼ତାର ସହ କହିଛି ଯେ, ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ସୁଗମ ଭାବରେ ଜାରି ରହିଛି। ବ୍ୟକ୍ତିଗତ ବିଭାଗଗୁଡ଼ିକ ସେମାନଙ୍କର ନିଜ ନିଜ ଦାୟିତ୍ୱ ପରିଚାଳନା କରୁଛନ୍ତି।

ଜାତୀୟ ଚେତନା
JATIYA CHETANA



# 'ଶିଶିର ସରସ-୨୦୨୬'ର ଦ୍ୱିତୀୟ ସନ୍ଧ୍ୟାରେ ନୃତ୍ୟ-ସଙ୍ଗୀତର ଝଙ୍କାର

## କଣ୍ଠଶିଳ୍ପୀ ଦିବ୍ୟ କୁମାରଙ୍କ ଗୀତର ତାଳେ ତାଳେ ଝୁମିଲେ ଦର୍ଶକ



ଭୁବନେଶ୍ୱର,(ଜା.ପ୍ର): ଶୀତୁଆ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ମତୁଆଲା ହେଉଛନ୍ତି ରାଜଧାନୀବାସୀ। ଓରମାସ ଏବଂ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ଆୟୋଜିତ 'ଶିଶିର ସରସ ୨୦୨୬' ଦ୍ୱିତୀୟ ଦିନରେ ପହଞ୍ଚିଛି। କଳାହାଣ୍ଡିର ପ୍ରସିଦ୍ଧ ଘୁମୁରା ନୃତ୍ୟର ରଙ୍ଗୀନ ପ୍ରସ୍ତୁତି ଦର୍ଶକଙ୍କ ମନମୋହିବା ସହ, ରାୟଗଡ଼ାର ଢେମସା ଏବଂ ରାଜସ୍ଥାନୀ ଲୋକନୃତ୍ୟ ମଞ୍ଚକୁ ଲୋକସଂସ୍କୃତିର ଏକ ସଜୀବ ଚିତ୍ରରେ ପରିଣତ କରିଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଭାବେ ବଲିଉଡ୍‌?ର ଲୋକପ୍ରିୟ କଣ୍ଠଶିଳ୍ପୀ ଦିବ୍ୟ କୁମାରଙ୍କ ସଙ୍ଗୀତମୟ ପ୍ରସ୍ତୁତି ଶ୍ରୋତାଙ୍କୁ ବାନ୍ଧି ରଖିଥିବା ବେଳେ, ଗୀତର ତାଳେ ତାଳେ ଝୁମୁଥାନ୍ତି ଦର୍ଶକ।

ମେଳାର ଆଗାମୀ ଦିନଗୁଡ଼ିକରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ସହ ଓଲିଉଡ଼ର ପ୍ରସିଦ୍ଧ କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ସୂଚନାଯୋଗ୍ୟ ଯେ, ଆସନ୍ତା ବୁଧବାର ସନ୍ଧ୍ୟାରେ ଗାୟକ କୁଳଦୀପ ପଟ୍ଟନାୟକଙ୍କ ସଙ୍ଗୀତମୟ ପ୍ରସ୍ତୁତି, ଗୁରୁବାର ଓଡ଼ିଆ ସଙ୍ଗୀତ ଜଗତର ଅମର ସ୍ୱର-ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ 'ହ୍ୟୁମାନ ସାଗର ନାଇଟ୍' ଏବଂ ଶୁକ୍ରବାର ଦିନ 'ଫ୍ୟାସନ ଶୋ' ଆୟୋଜିତ ହେବ। ଅପର ପକ୍ଷରେ ରବିବାର, କେରଳର ସେଣ୍ଟ୍ରାଲ ପ୍ଲାଣ୍ଟେସନ୍ କ୍ରପ୍ସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସିପିସିଆରଆଇ) ପକ୍ଷରୁ 'ନଡ଼ିଆ ଓ ପ୍ଲାଣ୍ଟେସନ୍ ଫସଲର: ଫାର୍ମରୁ ବଜାର ପର୍ଯ୍ୟନ୍ତ ମୂଲ୍ୟ ସଂଯୋଜନ ଓ ଉଦ୍ୟମ ସୁଯୋଗ' ବିଷୟରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଯୋଗଦେଇଥିବା ଅଂଶଗ୍ରହଣକାରୀମାନେ ପୁରୀ, କେନ୍ଦୁଝର, ବାଲେଶ୍ୱର, ଜଗତସିଂହପୁର, ଭଦ୍ରକ ଓ ଖୋର୍ଦ୍ଧା ଜିଲ୍ଲାରୁ ଆସିଥିଲେ। ମେଳାରେ ଦକ୍ଷତା ବୃଦ୍ଧି ଓ ଗ୍ରାମୀଣ ଉଦ୍ୟମୀଙ୍କ ସଶକ୍ତିକରଣକୁ କେନ୍ଦ୍ର କରି ଆଗାମୀ ଦିନମାନଙ୍କରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଆୟୋଜିତ ହେବ। ଏପିକଲ୍, ଭୁବନେଶ୍ୱର ପକ୍ଷରୁ ରାଜ୍ୟ ସରକାରୀ ଯୋଜନା ଓ ଉଦ୍ୟମ ପ୍ରୋତ୍ସାହନ ସମ୍ପର୍କିତ କର୍ମଶାଳା, ଆଇଆଇପି, ମୁମ୍ବାଇ ପକ୍ଷରୁ ପ୍ୟାକେଜିଂ, ବ୍ରାଣ୍ଡିଂ ଓ ଉତ୍ପାଦର ବଜାର ସଫଳତା କର୍ମଶାଳା, ଏନଆଇଏଫ ପକ୍ଷରୁ ଲାଗତ-କମ୍ ନବୀନ ପ୍ରଯୁକ୍ତି ସହ ଉତ୍ପାଦନ ଓ ପ୍ରକ୍ରିୟାକରଣ ସମ୍ପର୍କିତ କର୍ମଶାଳା, ଇଡିଆଇଆଇ ପକ୍ଷରୁ ଉଦ୍ୟମ ବିକାଶ, ବ୍ୟବସାୟ ପରିକଳ୍ପନା ଉପରେ କର୍ମଶାଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମୀଣ ଉତ୍ପାଦକମାନେ ପ୍ରାୟୋଗିକ ଜ୍ଞାନ ସହ ବଜାରମୁଖୀ ଦକ୍ଷତା ବିଷୟରେ ଜାଣିବାକୁ ପାଇବେ। ସେହିପରି ଆସନ୍ତା ଶନିବାର ଆଇଆଇଏମ୍, ଭୁବନେଶ୍ୱର ପକ୍ଷରୁ ନେତୃତ୍ୱ, ପରିଚାଳନା ଓ ଗ୍ରାମୀଣ ସଂସ୍ଥା ସଞ୍ଚାଳନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହେବ। ଏହି ସମସ୍ତ କର୍ମଶାଳା ପ୍ରତିଦିନ ସକାଳ ୧୧ଟାରୁ ଅପରାହ୍ନ ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଏହା ସହ ହସ୍ତତନ୍ତ ସାମଗ୍ରୀ ପ୍ରତି ପରିଦର୍ଶକଙ୍କ ବେଶ୍ ଆଗ୍ରହ ଦେଖିବାକୁ ମିଳୁଥିବା ବେଳେ, ଫୁଡ୍ ଷ୍ଟଲ୍, ପ୍ଲେ ଜୋନ୍ ଓ ଅନ୍ୟାନ୍ୟ ଷ୍ଟଲ୍‌?ଗୁଡ଼ିକରେ ଜମୁଥିବ ଭିଡ଼ ପାଇଁ ମେଳା ପରିସର ସାରାଦିନ ଚଳଚଞ୍ଚଳ ରହୁଛି।

# ଏପ୍ରିଲରୁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା

ଭୁବନେଶ୍ୱର,(ଜା.ପ୍ର): ଏପ୍ରିଲରୁ ଓଡ଼ିଶାରେ ଆରମ୍ଭ ହେବ ଜନଗଣନାର ପ୍ରଥମ ପର୍ଯ୍ୟାୟ। ୨୦୨୭ ଫେବୃଆରୀରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା। ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବପତ୍ର ଗଣନା ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ଜନଗଣନା ହେବ। ଏଥିପାଇଁ ଲକ୍ଷାଧିକ ଜନଗଣନା ଅଧିକାରୀ ନିଯୁକ୍ତ ହେବେ। ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର। ଏନେଇ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି। ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକ ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଗିରୀଶ ଏସ୍.ଏନ ଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶାର ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଓଡ଼ିଶାରେ ଜନଗଣନା ପ୍ରସ୍ତୁତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ।

ବୈଠକରୁ ଜଣାଯାଇଛି ଯେ, ଦେଶରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଓ ଗୃହ ଗଣନା ଆରମ୍ଭ ହେବ। ସାରା ଦେଶରେ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଏହି ପର୍ଯ୍ୟାୟ ଗଣନା ଅନୁଷ୍ଠିତ ହେବ। ବିଭିନ୍ନ ରାଜ୍ୟମାନେ ନିଜର ସୁବିଧା ଅନୁସାରେ ୩୦ ଦିନ ମଧ୍ୟରେ ଏହି ମାସ ମଧ୍ୟରେ ଗୃହ ତାଲିକା ଓ ଘର ଗଣନା କରିପାରିବା ନେଇ ନିର୍ଦ୍ଦେଶ ରହିଥିବା ବେଳେ ଓଡ଼ିଶାରେ ଏପ୍ରିଲରୁ ମେ ମାସ ମଧ୍ୟରେ ଗୃହ ତାଲିକା ଓ ଗୃହ ଗଣନା କରାଯିବା ନେଇ ଆଜିର ରାଜ୍ୟସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦୨୭ ଫେବୃୟାରୀ ମାସ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା ଅନୁଷ୍ଠିତ ହେବ ଏବଂ ମାର୍ଚ୍ଚ ୧ ରୁ ୫ ପର୍ଯ୍ୟନ୍ତ ପୁନଃ ଅବଲୋକନ (ରିଭିଜନାଲ ରାଉଣ୍ଡ) ଅନୁଷ୍ଠିତ ହେବା ନେଇ ନିର୍ଦ୍ଧାରିତ ରହିଥିବା ବୈଠକରେ ସୂଚନା ଦିଆଯାଇଛି। ଏଥିପାଇଁ ଓଡ଼ିଶାରେ ଜନଗଣନା ନିର୍ଦ୍ଦେଶାଳୟ ତରଫରୁ ପ୍ରସ୍ତୁତି ଜାରି ରହିଛି। ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଓ ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଜିଲ୍ଲାର ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ। ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟୀ କମିଶନରମାନେ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଶିକ୍ଷକ , ରାଜ୍ୟ ସରକାର ଏବଂ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାର ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଜନଗଣନାକାରୀ (ଏନ୍ୟୁମେରେଟର) ଏବଂ ସୁପରଭାଇଜର ଦାୟିତ୍ୱ ତୁଲାଇବେ। ଏଥି ପାଇଁ ଜନଗଣନାକାରୀ, ସୁପରଭାଇଜର, ରାଜ୍ୟ, ଜିଲ୍ଲା, ମହାନଗର ନିଗମ ଓ ଚାର୍ଜ ଅଧିକାରୀଙ୍କ ପାଇଁ ପାରିତୋଷିକ ଏବଂ ଜନ ଗଣନା କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟା ସହାୟତା ପାଇଁ ଆର୍ଥିକ ବ୍ୟବସ୍ଥା ରହିଛି।

# ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳା



ଭୁବନେଶ୍ୱର,(ଜା.ପ୍ର): ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ମିଳିତ ସହଯୋଗରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବରିଷ୍ଠ ଅଧ୍ୟାପକମାନଙ୍କ ପାଇଁ ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳାର ଆୟୋଜନ କରାଯାଇଛି। ଜାନୁଆରୀ ୫ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି କର୍ମଶାଳାରେ ୩୦ଟି ସରକାରୀ ଏବଂ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧ୍ୟାପକମାନେ ଯୋଗଦେଇଥିଲେ। କର୍ମଶାଳାରେ ଜାତୀୟ ଶିକ୍ଷା ନୀତି-୨୦୨୦, ମହାବିଦ୍ୟାଳୟର ପ୍ରଶାସନିକ, ବିତ୍ତୀୟ ସୁପରିଚାଳନା ସହିତ ଶିକ୍ଷାଦାନ ପଦ୍ଧତି, ଦକ୍ଷତା ଆଧାରିତ ମୂଲ୍ୟାଙ୍କନ, ଡିଜିଟାଲ ଲର୍ନିଙ୍ଗ ଓ ଉଚ୍ଚକୋଟୀର ଗବେଷଣା, ଉଚ୍ଚଶିକ୍ଷା ବିଭାଗର ହିମ୍ସ ପୋର୍ଟାଲର ଉପଯୁକ୍ତ ବ୍ୟବହାର ଆଦି ବିଭିନ୍ନ ବିଷୟବସ୍ତୁକୁ ନେଇ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ୬ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ବିଶ୍ୱବିଦ୍ୟାଳୟର କୁଳପତିମାନେ ପ୍ରଶିକ୍ଷକ ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ହୋଇଥିବା ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ସଶକ୍ତ କରିବା ସହ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା, ଉଚ୍ଚକୋଟୀର ଗବେଷଣାକୁ ପ୍ରୋତ୍ସାହନ ଦେବା ଓ ସର୍ବୋପରି ଆମ ଶୈକ୍ଷିକ ସମାଜର ବିକାଶ ଏବଂ ମହାବିଦ୍ୟାଳୟର ସୁପରିଚାଳନା ଦିଗରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ସମସ୍ତ ପ୍ରଶିକ୍ଷକମାନେ ମତପ୍ରକାଶ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଧରଣୀଧର ନନ୍ଦ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଏକଜ୍ୟୁକେଟିଭ ମେମ୍ବର ପ୍ରଫେସର ଅତନୁ କୁମାର ପତି ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଓ ପ୍ରୋଗ୍ରାମ କୋର୍ଡିନେଟର ଡ଼.ଲିପ୍ସା ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଉଦୟଗିରିରେ ଅର୍ନ୍ତଜାତୀୟ ବୌଦ୍ଧ ସମ୍ମିଳନୀ ଉଦ୍‌ଘାଟିତ

## ଭାରତର ଭବିଷ୍ୟତ ଯୁଦ୍ଧରେ ନୁହେଁ, ବରଂ ବୁଦ୍ଧ ମାର୍ଗରେ ଅଛି: ସାଂସଦ



ଯାଜପୁର,(ଜା.ପ୍ର): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ,ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଯାଜପୁର ଜିଲ୍ଲାର ଉଦୟଗିରି ବୌଦ୍ଧ ସ୍ଥଳଠାରେ ଦ୍ୱିତୀୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଜାନୁଆରୀ ୧୧ ରୁ ୧୬ ତାରିଖ ଯାଏଁ ହେଉଥିବା ଏହି ବୌଦ୍ଧ ସମ୍ମିଳନୀରେ ଦେଶର ବିଭିନ୍ନ ବୌଦ୍ଧ ମଠ ତଥା ଦେଶ ବାହାରୁ ପ୍ରାୟ ୧୭୦୦ ରୁ ଉର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ ଏବଂ ଗୁରୁ ଯୋଗ ଦେଇଛନ୍ତି। ବୌଦ୍ଧ ଗୁରୁ ୱାଙ୍ଗମୋ ଡିକ୍ସେ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ସହ ସମ୍ମାନୀତ ଅତିଥି ରୂପେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ଥିଲେ। ବିଭିନ୍ନ ଦେଶରୁ ଆସିଥିବା ଅଂଶଗ୍ରହଣକାରୀଙ୍କଉଦୟଗିରି ପର୍ଯ୍ୟଟକ ଅଭ୍ୟର୍ଥନା କେନ୍ଦ୍ର ଠାରୁ ଉଦୟଗିରି ପାର୍ଥନା ସ୍ଥଳ ପର୍ଯ୍ୟନ୍ତ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ପରେ ଉପସ୍ଥିତ ଅତିଥିଗଣ ଅଭିଭାଷଣ ରଖିଥିଲେ। ଯାଜପୁର ସାଂସଦ ଶ୍ରୀ ବେହେରା କହିଥିଲେ ଯେ, ଭାରତର ଭବିଷ୍ୟତ ଯୁଦ୍ଧରେ ନୁହେଁ ବରଂ ବୁଦ୍ଧଙ୍କ ମାର୍ଗରେ ରହିଛି। ବୌଦ୍ଧ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ଯାଜପୁର ଏବଂ ପ୍ରାଚୀନ ସମୟରେ ଏଠାରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା, ଯେଉଁଠି ବିଦେଶରୁ ଆସି ଅଧ୍ୟୟନ କରୁଥିଲେ। ଗୁରୁ ପଦ୍ମସମ୍ଭବ ଭାରତ, ତିବ୍ବତ, ଚୀନ ସହ ସମଗ୍ର ଦକ୍ଷିଣ ଏସିଆରେ ବୌଦ୍ଧ ଦର୍ଶନର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଉଦୟଗିରିରେ ଆୟୋଜିତ ବୌଦ୍ଧ ସମ୍ମିଳନୀ ସାରା ବିଶ୍ୱକୁ ଦିଗଦର୍ଶନ ଦେବ ବୋଲି ସାଂସଦ କହିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ଯେ ଅନ୍ତର୍ଜାତୀୟ ସମ୍ମିଳନୀରେ ବିଭିନ୍ନ ସ୍ଥାନରୁ ବୌଦ୍ଧ ସନ୍ନ୍ୟାସୀ, ପର୍ଯ୍ୟଟକମାନେ ଯୋଗ ଦେଇ ଉପାସନା, ଧାର୍ମିକ ରୀତିନୀତି ଏବଂ ଆଲୋଚନା ଚକ୍ର କରୁଛନ୍ତି। ସେମାନଙ୍କ ପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଯାଜପୁରରେ ବୌଦ୍ଧ କୀର୍ତ୍ତିରାଜି ଓ ପର୍ଯ୍ୟଟନର ଅଭିବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଥିଲେ ଯେ ଉଦୟଗିରିଠାରେ ପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା ଏବଂ ଏଠାରୁ ହିଁ ଗୁରୁ ପଦ୍ମସମ୍ଭବ ବୌଦ୍ଧ ଧର୍ମର ପ୍ରସାର କରିଥିଲେ। ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟମରେ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଅତି ସୁନ୍ଦର ଭାବେ ଆୟୋଜିତ ହୋଇଛି ବୋଲି ବିଧାୟକ ଶ୍ରୀ ନାୟକ କହିଛନ୍ତି। ୬ ଦିନ ବ୍ୟାପୀ ଏହି ସମ୍ମିଳନୀରେ ଦେଶ ବିଦେଶରୁ ଗବେଷକ, ବୌଦ୍ଧ ଗୁରୁ, ଐତିହାସିକମାନେ ଯୋଗ ଦେଇ ବୌଦ୍ଧ ଐତିହ୍ୟ ଓ ଦର୍ଶନ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବସ୍ତୁ ଉପରେ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବେ। ଏହାସହ ସମାରୋହରେ ଯୋଗ ଦେଇଥିବା ବୌଦ୍ଧ ଧର୍ମାବଲମ୍ବୀ ଏବଂ ପର୍ଯ୍ୟଟକମାନେ ରତ୍ନଗିରି - ଲଳିତଗିରି - ଉଦୟଗିରି ହୀରକ ତ୍ରିଭୁଜ ପରିଦର୍ଶନ କରିବେ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଦର୍ପଣ ତହସିଲଦାର, ବିଡ଼ିଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଶିକ୍ଷାନବିସ ରିଜର୍ଭ ଅଧିକାରୀ ସମ୍ମିଳନୀର ସମସ୍ତ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଥିଲେ। ଏହି ସମାରୋହରେ ସ୍ଥାନୀୟ ଜନସାଧାରଣ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଉତ୍ସବ ଆୟୋଜନ କମିଟି ପକ୍ଷରୁ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଆବାହକ ମହେଶ୍ୱର ବଳ ଅତିଥି ଓ ଆଗନ୍ତୁକ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ପାରିବାରିକ ଉତ୍ତରଦାୟିତ୍ୱ

ମାନବର ଅତ୍ୟଧିକ ମାଦକ ଦ୍ରବ୍ୟ ସେବନ ଏବଂ ଅମାନବୀୟ ଚାରିତ୍ରିକ ସ୍ଖଳନ ସମାଜର ମେରୁଦଣ୍ଡକୁ ଭାଙ୍ଗିବାକୁ ବସିଛି। କିଛି ପରିବାରରେ ଏହା ଆଭିଜାତ୍ୟର ରୂପ ନେଇସାରିଛି। ଆଉ କିଛି ପରିବାରରେ ଜ୍ୟେଷ୍ଠମାନଙ୍କର କନିଷ୍ଠଙ୍କୁ ଆକଟ କରିବାରେ ସାମର୍ଥ୍ୟ ନାହିଁ। ଏହାକୁ ରୋକିବ କିଏ ? ଯଦି ରୋକା ନ ଯାଏ ତେବେ ଏ ଦେଶର କ'ଣ ଅବସ୍ଥା ହେବ ?

ଭାରତୀୟମାନେ ମୋଗଲ, ଇଂରେଜ ତଥା ବିଭିନ୍ନ ଏକଛତ୍ରବାଦୀ ଶାସକଙ୍କ ଦ୍ୱାରା ଶାସିତ ହୋଇଛନ୍ତି। ସମୟ କ୍ରମେ ସେହି ଶାସକମାନଙ୍କର କୁସଂସ୍କାର ପ୍ରଭାବରେ ଭାରତୀୟ ପ୍ରଭାବିତ ହୋଇଛନ୍ତି। ଏହି କୁସଂସ୍କାର ସାମାଜିକ ବ୍ୟାଧିର ରୂପ ନେଇସାରିଛି। ଭାରତୀୟମାନେ ବିଶୃଙ୍ଖଳିତ ପରମ୍ପରାରେ ପରିଚାଳିତ ହେବା ଦ୍ୱାରା ପାରିବାରିକ ଅଶାନ୍ତି, ଅସମୟରେ ମୃତ୍ୟୁ ଏବଂ ମାନବ ଭିତରେ ଭେଦଭାବ ସୃଷ୍ଟି ହୋଇଛି। କିଏ ରୋକିବ ଏ ସବୁ ବିଶୃଙ୍ଖଳାକୁ। କାରଣ ସମାଜର ଶୃଙ୍ଖଳା ସେତେବେଳେ ରକ୍ଷା ହୁଏ ଯେତେବେଳେ ମାନବର ନୈତିକ ଜ୍ଞାନ ରୁହେ। ନୈତିକ ଜ୍ଞାନ ଆହରଣ ପାଇଁ ତିନୋଟି ପ୍ରମୁଖ ମାର୍ଗ ଅଛି। ପ୍ରଥମତଃ ନିଜ ଘରେ ଜ୍ୟେଷ୍ଠମାନଙ୍କଠାରୁ କନିଷ୍ଠମାନେ ନୈତିକ ମୂଲ୍ୟବୋଧ ଶିକ୍ଷା କରନ୍ତି। କିନ୍ତୁ ବର୍ତ୍ତମାନ ଅନେକ ଘରେ ମୁରବିଙ୍କୁ କନିଷ୍ଠମାନେ ସମ୍ମାନ ଦେଉନାହାନ୍ତି। ଅନେକ କ୍ଷେତ୍ରରେ ମୁରବିମାନଙ୍କର ନୈତିକତା ହ୍ରାସ ହୋଇଛି। ବିଭାଜନକାରୀ ରାଜନୀତି, ଅନ୍ୟାୟ ମାର୍ଗରେ ଧନ ଅର୍ଜନ, ନିଶାଦ୍ରବ୍ୟ ସେବନ ଏବଂ ଚାରିତ୍ରିକ ସ୍ଖଳନରେ ଯଦି ଘରର ମୁରବିମାନେ ପୌରୋହିତ୍ୟ କରିବେ ତେବେ ଶିଶୁ କ'ଣ ବା ଶିକ୍ଷା କରିବେ। ନୈତିକତାଶିକ୍ଷାର ଦ୍ୱିତୀୟ ମାର୍ଗ ହେଉଛି ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ଶିକ୍ଷା ଗ୍ରହଣ। କିନ୍ତୁ ସମାଜର ଅନେକ ବିଶିଷ୍ଟ ବ୍ୟକ୍ତି ଯଦ୍ୟପି ନିଜନିଜ କର୍ମ କ୍ଷେତ୍ରରେ ବିଶିଷ୍ଟ କିନ୍ତୁ ନୈତିକତା ହ୍ରାସ ତାଙ୍କର ବ୍ୟକ୍ତିଗତ ଜୀବନର କାଳିମା ହୋଇଛି। ବିଶେଷତଃ ଯୁବସମାଜ ସଂଗୀତ, ନୃତ୍ୟ ଏବଂ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାରମାନଙ୍କର ଅନୁଗାମୀ ହେଉଛନ୍ତି। ସେହି ବିଶିଷ୍ଟ କଳାକାରମାନେ ଯଦି ଶୃଙ୍ଖଳିତ ଜୀବନ ଅତିବାହିତ କରନ୍ତେ ତେବେ ଦେଶର ଯୁବସମାଜ ଖୁବ୍ ସଂଯତ ହୋଇପାରନ୍ତେ। ଏଇ କିଛି ବର୍ଷର ବ୍ୟବଧାନରେ ଓଡ଼ିଶାରେ ଅନେକ ବିଶିଷ୍ଟ କଳାକାରଙ୍କର ନିଶାସେବନଜନିତ ଅକାଳ ମୃତ୍ୟୁ, ବମ୍ବେର ଫିଲ୍ମ ଜଗତରେ ନାଁ କମେଇଥିବା ବରିଷ୍ଠ କଳାକାରମାନଙ୍କର ନିଶାଦ୍ରବ୍ୟ କାରବାରରେ ସମ୍ପୃକ୍ତି ତଥା ଚାରିତ୍ରିକ ସ୍ଖଳନ ସୂଚେଇଦେଉଛି ସମାଜ ଉପରେ ଏହା କେତେ କୁପ୍ରଭାବ ପକାଇଛି। ଯେଉଁ କିଛି ଉତ୍ତମ କଳାକାର ନିଜ କଳା ସହିତ ସମାଜ ମଙ୍ଗଳ ପାଇଁ ପ୍ରୟାସ କରନ୍ତି ସେମାନେ ହାତଗଣତି ମାତ୍ର। ଶାସ୍ତ୍ର କୁହେ ମହାଜନ ଯେନ ଗତଃ ସ ପନ୍ଥା। ଅର୍ଥାତ୍ ମହାନ ବ୍ୟକ୍ତିମାନେ ଯେଉଁ ସୁନ୍ଦର ରାସ୍ତାରେ ଯାଇଛନ୍ତି ତାହା ହିଁ ପରବର୍ତ୍ତୀ ପିଢ଼ିର ମାର୍ଗ ହେଉ। କିନ୍ତୁ ଆଜିର ସମାଜରେ ମହାଜନଙ୍କୁ ଚିହ୍ନିବା କଷ୍ଟକର। ତେଣୁ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସମାଜ ସଂସ୍କାରର ଶିକ୍ଷା ଗ୍ରହଣ କରିବା ସଫଳ ହେଉନାହିଁ।

ସମାଜ ସଂସ୍କାରର ତୃତୀୟ ମାର୍ଗ ହେଉଛି ନୈତିକ ଜ୍ଞାନ ଆଧାରିତ ପୁସ୍ତକ। ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ଯଦି ନୈତିକ ଆଧାରିତ ଶିକ୍ଷା ଦିଆଯାଏ ତେବେ ତାହା ସେମାନଙ୍କ ଜୀବନକୁ ଶୃଙ୍ଖଳିତ କରେ। ତେଣୁ ପୂର୍ବରୁ ପଞ୍ଚତନ୍ତ୍ର ଏବଂ ହିତୋପଦେଶ ପ୍ରଭୃତି କଥା ମାଧ୍ୟମରେ କୋମଳମତି ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ଦିଆଯାଉଥିଲା। ବଣଜଙ୍ଗଲର କଥା ପାଠ୍ୟପୁସ୍ତକରେ ରହିବା ଦ୍ୱାରା ପିଲାମାନେ ଅରଣ୍ୟ ଏବଂ ପରିବେଶ ସୁରକ୍ଷା ଦିଗରେ ସଚେତନ ହେଉଥିଲେ। ବିଭିନ୍ନ ବିଶ୍ୱମଙ୍ଗଳ ପ୍ରାର୍ଥନା ଦ୍ୱାରା ପିଲାମାନେ ବିଶ୍ୱକୁ ସମାନ ଦୃଷ୍ଟିରେ ଦେଖୁଥିଲେ। ବେଦରେ ବର୍ଣ୍ଣିତ ଅଗ୍ନି, ବାୟୁ, ଜଳ, ପର୍ବତ, ବୃକ୍ଷଲତା ପ୍ରଭୃତି ପ୍ରାକୃତିକ ସମ୍ପଦର ସମ୍ମାନ ମନ୍ତ୍ର ମାଧ୍ୟମରେ ଶିକ୍ଷା ଦିଆଯାଉଥିଲା, ଯଦ୍ଦ୍ୱାରା ମାନବ ପ୍ରକୃତିକୁ ନଷ୍ଟ କରିବନାହିଁ। ରାମାୟଣର ସମାଜ ସଂସ୍କାର, ମହାଭାରତର ଶାନ୍ତି ପ୍ରତିଷ୍ଠା, ଉପନିଷଦର ଯମ ନଚିକେତା ସଂବାଦ ପ୍ରଭୃତି ମାନବକୁ ସତ୍ ମାର୍ଗ ପ୍ରଦର୍ଶିତ କରୁଥିଲା। ଆଜି କିନ୍ତୁ ଏ ସବୁକୁ ଧର୍ମ ଗ୍ରନ୍ଥର ରୂପ ଦେଇ ପାଠ୍ୟକ୍ରମରୁ ଦୂରେଇ ରଖାଗଲା। ଭାରତ ଏକ ସର୍ବଧର୍ମ ସମନ୍ୱୟର ରାଷ୍ଟ୍ର ହେଲା। ଏଠି ସମାଜ ସଂସ୍କାର ଦିଆଯାଉଥିବା ଗ୍ରନ୍ଥଗୁଡ଼ିକ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମରେ ବାରଣ କରାଗଲା। ଆଜିର ପିଲା କେବଳ ପାଠ ବ୍ୟତୀତ କୌଣସି ସଂସ୍କାରମୂଳକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲା ନାହିଁ। ତେଣୁ ତୃତୀୟ ମାର୍ଗଟି ବନ୍ଦ ହୋଇଗଲା।

ବର୍ତ୍ତମାନ ବିଚାର କରିବା ଏ ତିନୋଟି ଯାକ ରାସ୍ତା ବନ୍ଦ ହୋଇଯିବାର ଫଳାଫଳ। ବର୍ତ୍ତମାନ ଭାରତରେ କ୍ୱଚିତ୍ ପରିବାରରେ ସଂସ୍କାର ନାମକ ଶବ୍ଦ ସାକାର ରୂପ ନେଉଛି। ପ୍ରତି ପରିବାର ଆଜି ନିଜ ପିଲାମାନଙ୍କର ଭବିଷ୍ୟତକୁ ନେଇ ଅନ୍ଧକାର ଭିତରେ ରହିଛି। ପରିବାରରେ ନୂତନ ପ୍ରଥା ସ୍ଥାନ ପାଇଛି, ପିଲାମାନେ ଦଶ ବାରବର୍ଷର ହୋଇଗଲେ ବାପା ମା'ଙ୍କ ମୁହଁରେ ଜବାବ ଦେଉଛନ୍ତି। ସେମାନେ ନିଜକୁ ସ୍ୱତନ୍ତ୍ର ମନେକରୁଛନ୍ତି। ମୋବାଇଲରୁ ଭଲ ତଥ୍ୟ ବଦଳରେ ଖରାପ ତଥ୍ୟ ଶୁଣିବା ଏବଂ ଦେଖିବା ପାଇଁ ବାପା ମା'ଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ପ୍ରତିଯୋଗିତା। ଯୋଗ, ଧ୍ୟାନ, ସକାଳସଂଧ୍ୟାରେ ଠାକୁର ପୂଜା, ଗୁରୁଜନଙ୍କୁ ମୁଣ୍ଡିଆ ମାରିବା ଇତ୍ୟାଦି ସଂସ୍କାର ସମ୍ପୂର୍ଣ୍ଣ ବିଲୀନ। ଘରୋଇ ଖାଦ୍ୟ ପ୍ରତିବଦଳରେ ନାନା ପ୍ରକାର ହାନିକାରକ ଖାଦ୍ୟ। ବସ୍ତ୍ର ପରିଧାନରେ ମାନବର ବିକୃତ ମାନସିକତା। ଏଭଳି ଅନେକ ସାମାଜିକ ବିଶୃଙ୍ଖଳା ପ୍ରତି ଘରେ ରୂପନେଇଛି। ଏ ସବୁ ବର୍ତ୍ତମାନ ନିୟନ୍ତ୍ରଣ ବାହାରେ। ଏଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ସଜାଗ ହେବାର ଆବଶ୍ୟକତା ରହିଛି। ପ୍ରତି ପରିବାରରୁ ପିଲାମାନଙ୍କୁ ସଂସ୍କାର ଦିଆ ନ ଗଲେ କେହି ମଧ୍ୟ ଶାନ୍ତିରେ ରହିପାରିବେ ନାହିଁ। ଏଥିପାଇଁ ନିଜେ ସତର୍କ ରହିବା ସହିତ ସନ୍ତାନସନ୍ତତିଙ୍କୁ ନୈତିକ ଜ୍ଞାନ ଦେବା ଅନିବାର୍ଯ୍ୟ। ଧର୍ମଗ୍ରନ୍ଥଗୁଡ଼ିକର ଶିକ୍ଷଣୀୟ ତତ୍ତ୍ୱ ପିଲାଙ୍କୁ ବାଲ୍ୟକାଳରୁ ଜଣେଇବା ଜ୍ୟେଷ୍ଠଙ୍କ କର୍ତ୍ତବ୍ୟ ହେଉ। ପ୍ରତି ଶିକ୍ଷାନୁଷ୍ଠାନ ସଜାଗ ହେବାର, ପ୍ରତିଷ୍ଠିତ ବ୍ୟକ୍ତିଙ୍କର ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ ହେବାର ସମୟ ଆସିଛି। ଏବେ ବି ଯଦି ସମାଜକୁ ସଂସ୍କାରଠାରୁ ଦୂରେଇ ରଖିବା ତେବେ ସେ ସମୟ ବେଶି ଦିନ ନାହିଁ ଯେତେବେଳେ କାଳ ସମସ୍ତଙ୍କୁ ଗ୍ରାସ କରିଦେବ।

# ଶିକ୍ଷିତ ଦେଶବିରୋଧୀ

**ସଦାନନ୍ଦ ସ୍ୱାଇଁ**

ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିକଟରେ ବିବୃତି ଦେବା ଅନେକଙ୍କୁ ବ୍ୟଥିତ କରିବା କଥା। ରାଜସ୍ଥାନର ଉଦୟପୁରସ୍ଥିତ ଭୂପାଳ ନୋବେଲ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ସେ ଶିକ୍ଷିତଙ୍କ ପାଇଁ ଦେଶରେ ହ୍ୱାଇଟ କଲାର ଆତଙ୍କବାଦ ମୁଣ୍ଡ ଟେକିଛି ବୋଲି କହିବା ବେଳେ ୨୦୨୫ ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ କାର ବୋମା ବିସ୍ଫୋରଣରେ ଡାକ୍ତରଙ୍କ ସମ୍ପୃକ୍ତି ଥିବା ବିଷୟକୁ ସମ୍ଭବତଃ ଇଙ୍ଗିତ କରିଛନ୍ତି। ଆତଙ୍କବାଦ ସହିତ ଡାକ୍ତର ଜଡ଼ିତ ହେବା ନିଶ୍ଚିତ ନିନ୍ଦନୀୟ। କିନ୍ତୁ ତାହାକୁ ନେଇ ସମଗ୍ର ଶିକ୍ଷିତ ସମାଜକୁ ଗୋଟିଏ ଚଷମାରେ ଦେଖାଯିବା ଉଚିତ ନୁହେଁ। ପୂର୍ବରୁ ଆଜିକାର ଶାସକ ଦଳ ଶିକ୍ଷିତ ସହରବାସିନ୍ଦାଙ୍କୁ 'ଅର୍ବାନ ନକ୍ସଲ' ଆଖ୍ୟା ଦେଇ ସମାଲୋଚନା କରିଆସୁଥିଲେ। ସମ୍ଭବତଃ ବିଭିନ୍ନ କ୍ଷେତ୍ରରେ ଆଜିର ସରକାରଙ୍କ ନୀତି ବିଫଳ ହେବା ଯୋଗୁ ସେହି ଦୁଇ ଶବ୍ଦକୁ ଏବେ ବ୍ୟବହାର କରିବା ପରିବର୍ତ୍ତେ ସମଗ୍ର ଶିକ୍ଷିତ ସମାଜ ଉପରେ ଆକ୍ରମଣ ଆରମ୍ଭ କରାଯାଉଛି। ସମସ୍ତଙ୍କ ମନେଅଛି ଯେ, ପୂର୍ବରୁ ଯେତେବେଳେ କୌଣସି ଆକ୍ରମଣ ହେଉଥିଲା ସେତେବେଳେ ମୁସଲମାନ ସମ୍ପ୍ରଦାୟକୁ ଦୋଷ ଦେବା ସହିତ ପାକିସ୍ତାନର ମସୁଧାରେ ହୋଇଛି ବୋଲି କୁହାଯାଉଥିଲା। 'ଅପରେଶନ ସିନ୍ଦୂର' ଏବେ ବି ଚାଲୁରହିଛି ବୋଲି ରାଜନାଥ ସିଂ ଏବଂ ଅନ୍ୟ ବରିଷ୍ଠ ନେତାମାନେ ବାରମ୍ବାର ଦାବି କରିଆସୁଥିବା ବେଳେ ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟିଗଲା। ସେହି ବିସ୍ଫୋରଣ ଯେଉଁ ବିଫଳତା ଦର୍ଶାଇଲା ତାହା ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦୁହିଁଙ୍କୁ ଇଙ୍ଗିତ କରୁଛି। ଏହି ବିସ୍ଫୋରଣ ପରେ ପାକିସ୍ତାନର ନାଁ ନେବାକୁ ଦିଲ୍ଲୀ ପୋଲିସ କିମ୍ବା ଭାରତୀୟ ଗୋଇନ୍ଦା ସଂସ୍ଥାର ସାହସ ପାଇଲା ନାହିଁ। ଏଭଳି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ପ୍ରତିରକ୍ଷା ମନ୍ତ୍ରୀଙ୍କ କହିବା ଅନୁଯାୟୀ ଶିକ୍ଷିତଙ୍କ ଅର୍ଥ ସ୍କୁଲ କିମ୍ବା କଲେଜରେ ପାଠ ପଢ଼ିଥିବା ଭାରତୀୟଙ୍କ ପରିବର୍ତ୍ତେ 'ଶିକ୍ଷିତ ସମାଜ'ର ଅର୍ଥ ହେଉଛି ଯେଉଁମାନେ ସରକାରଙ୍କ ବିଫଳତା ବୁଝି ବ୍ୟବସ୍ଥାକୁ ପ୍ରଶ୍ନ କରୁଛନ୍ତି। ଗଣତନ୍ତ୍ରରେ ଶିକ୍ଷିତ ସମାଜ ପ୍ରଶ୍ନ କରିବା ସ୍ୱାଭାବିକ। ଅନ୍ୟପଟେ ସମ୍ପୂର୍ଣ୍ଣ ଅଶିକ୍ଷିତ ତାଙ୍କର ମନର ଚାହିଦା ଅନୁଯାୟୀ ଭୋଟ ଦେଇଥାନ୍ତି। ତେବେ ମଧ୍ୟ-ଶିକ୍ଷିତ ହେଉଛନ୍ତି ସମାଜ ପାଇଁ ସବୁଠାରୁ ଅଧିକ କ୍ଷତିକାରକ। ସେହିମାନେ ପ୍ରଶ୍ନ କରିବାକୁ ଇଚ୍ଛାକରନ୍ତି ନାହିଁ କିମ୍ବା ଭୁଲ୍ ଦେଖିବାରେ ସମୟ ଦେବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ। ସେହି ଗୋଷ୍ଠୀ ସମ୍ପୂର୍ଣ୍ଣ ଭାବେ ସ୍ୱାର୍ଥପର ହୋଇ ଦେଶର ମଙ୍ଗଳ ପରିବର୍ତ୍ତେ ନିଜର ସୁବିଧାକୁ ଦେଖିଥାନ୍ତି ଏବଂ ସ୍ରୋତ ସହିତ ବହିଯିବାକୁ ଆଗଭର ହୁଅନ୍ତି। ତେଣୁ ସେଭଳି ଶିକ୍ଷିତଙ୍କୁ ନେଇ ଭିଡ଼ କରିବା ସହଜ ହୋଇଥାଏ। ଯେଉଁମାନେ ବ୍ୟବସ୍ଥାକୁ ପ୍ରଶ୍ନ କରନ୍ତି, ସେମାନେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରନ୍ତି।

ଆଶ୍ଚର୍ଯ୍ୟ ଲାଗେ, ଗତ ୧୧ ବର୍ଷର ଇତିହାସ ମଧ୍ୟରେ ଭାରତ ଭିତରେ କେତେ ପ୍ରକାରର ବିଭାଜନ ସୃଷ୍ଟି କରାଯିବାର ଚେଷ୍ଟା କରାଗଲାଣି। ନିର୍ବାଚନବେଳେ ହିନ୍ଦୁ-ମୁସଲମାନ ବିଭାଜନ, ବିମୁଦ୍ରୀକରଣ ବେଳେ ଧନୀ-ଗରିବ ବିଭାଜନ, ଚାଷୀ ଆନ୍ଦୋଳନ ବେଳେ ଭାରତ-ଖଲିସ୍ତାନ ବିଭାଜନ, ହିନ୍ଦୀ-ଅଣହିନ୍ଦୀ ଭାଷୀଙ୍କ ମଧ୍ୟରେ ବିଭାଜନ, ନିର୍ବାଚନ ଦୂରରେ ଥିବାବେଳେ ଉଚ୍ଚ ଜାତି ଓ ନୀଚ ଜାତି ମଧ୍ୟରେ ବିଭାଜନ, ରାଜନୈତିକ ଦୃଷ୍ଟିକୋଣରୁ ସୁହାଉଥିବା ଗୋଷ୍ଠୀ ଦେଶପ୍ରେମୀ ଆଖ୍ୟା ପାଇଲାବେଳକୁ ବିରୋଧୀଙ୍କୁ ଦେଶଦ୍ରୋହୀ କହି ବିଭାଜନ, ଐତିହାସିକ ଦୃଷ୍ଟିକୋଣରୁ କୁହାଯାଉଛି ଭାରତରେ ପୂର୍ବରୁ ଯାହା କରାଯାଉଥିଲା ତାହା ଥିଲା ତ୍ରୁଟିପୂର୍ଣ୍ଣ ଏବଂ ୨୦୧୪ ପରେ କେବଳ ଦେଶ ହିତକାରୀ ହେଉଛି ବୋଲି କୁହାଯାଇ ସେଥିରେ ମଧ୍ୟ ବିଭାଜନ; ଏହିଭଳି ଆହୁରି ଅନେକ ବିଷୟକୁ ନେଇ ବିଭାଜନ ସୃଷ୍ଟି କରାଯାଉଥିବାବେଳେ ଏବେ ପ୍ରଶ୍ନ କରୁଥିବା ଶିକ୍ଷିତ ନାଗରିକଙ୍କୁ ହ୍ୱାଇଟ୍ କଲାର ଅତଙ୍କବାଦର ଆଖ୍ୟା ଦିଆଯିବାର ଅର୍ଥ ହେଉଛି ସେମାନଙ୍କ ବ୍ୟତୀତ ଅନ୍ୟମାନେ ସମସ୍ତେ ଦେଶପ୍ରେମୀ। ଏହା ଏକ ନୂଆ ବିଭାଜନ। ଓଡ଼ିଆରେ ଢଗ ଅଛି-'ଚାଲି ନ ଜାଣି ବାଟର ଦୋଷ'। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଗୋଇନ୍ଦା ବିଫଳତାକୁ ଦୋଷ ନ ଦେଇ ରାଜନାଥ ଶିକ୍ଷିତମାନେ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ସାର୍ବଜନୀନ ମନ୍ତବ୍ୟ ଦେବା ତାଙ୍କ ଦୁର୍ବଳତାକୁ ଦର୍ଶାଉଛି। ଜଣେ ବରିଷ୍ଠ ମନ୍ତ୍ରୀ, ଯିଏକି ଦେଶର ପ୍ରତିରକ୍ଷା ଦାୟିତ୍ୱରେ ଅଛନ୍ତି, ତାଙ୍କ ତୁଣ୍ଡରୁ ଯେତେବେଳେ ଶିକ୍ଷିତଙ୍କ ବିରୋଧରେ ବିବୃତି ବାହାରୁଛି; ସେତେବେଳେ ମନେହେଉଛି ଏବେ ଦେଶକୁ ଅଶିକ୍ଷିତ କରି ରଖିବାର ଉଦ୍ୟମ ଆରମ୍ଭ ହେଲା।

# ଅଭିନବତ୍ୱ ଲାଭଦାୟକ

ସାରା ବିଶ୍ୱରେ ମହିଳାମାନେ ବାର୍ଷିକ ପ୍ରାୟ ୩୨ ଟ୍ରିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ପରିଚାଳନା ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ସେମାନେ ଇଚ୍ଛାନୁମୋଦିତ ଖର୍ଚ୍ଚର ୭୫ ପ୍ରତିଶତ ନିୟନ୍ତ୍ରଣ କରିପାରିବେ ବୋଲି ଆକଳନ କରାଯାଉଛି। ତଥାପି ପ୍ରାୟ ପ୍ରତ୍ୟେକ ଶିଳ୍ପ ସେମାନେ ଆବଶ୍ୟକ କରୁଥିବା ଉତ୍ପାଦ ଯୋଗାଇପାରୁନାହାନ୍ତି। ଅନେକ ଦଶନ୍ଧି ଧରି କମ୍ପାନୀଗୁଡ଼ିକ ପିଙ୍କ୍ ପ୍ୟାକେଜିଂ, ଟୋକୋନ ପିମେଲ୍ ଫ୍ରେଣ୍ଡ୍‌ଲି କ୍ୟାମ୍ପେନ ଏବଂ ତଥାକଥିତ ପିଙ୍କ୍ ଟ୍ୟାକ୍ସ ଭଳି ଭାବନାତ୍ମକ ଧାରଣା ଉପରେ ନିର୍ଭରକରି ଆସିଛନ୍ତି, ଯେଉଁଥିରେ ଉତ୍ପାଦ ପାଇଁ ମହିଳାଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ଏଗୁଡ଼ିକ ମଧ୍ୟରୁ ଅନେକ ବ୍ୟକ୍ତିଗତ ଉତ୍ପାଦ ମାର୍କେଟ ଆଢୁଆଳରେ ରହିଯାଉଛି। ପରିଣାମ ସ୍ୱରୂପ ମହିଳାଙ୍କ ଆବଶ୍ୟକ ଉତ୍ପାଦ ଓ କମ୍ପାନୀ ଯୋଗାଣ ମଧ୍ୟରେ ଅଭାବ ପରିଲକ୍ଷିତ ହେଉଛି। ଏହାକୁ ଦୂରକରିବାକୁ ହେଲେ ମହିଳାଙ୍କ ପ୍ରାଥମିକତା, ନିଷ୍ପତ୍ତି, କ୍ୟାରିୟର ଏବଂ ବ୍ୟକ୍ତିଗତ ଜ୍ଞାନକୁ ବିଚାରକୁ ନେଇ ଉତ୍ପାଦ ଓ ସେବା ଢାଞ୍ଚା ଗଢ଼ି ତୋଳିବାକୁ ପଡ଼ିବ। ଅତୀତରୁ ମହିଳାମାନେ ଯେଉଁ ସେବା ଓ ଉତ୍ପାଦ ଗ୍ରହଣକରି ଆସୁଛନ୍ତି ବାସ୍ତବରେ ସେସବୁ ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଇ ନ ଥିବା ମନେହେଉଛି। ଏହାର ପ୍ରମାଣ ସବୁଠି ଦେଖିବାକୁ ମିଳେ। ବ୍ୟକ୍ତିଗତ ସୁରକ୍ଷା ପାଇଁ ଥିବା ଉପକରଣ ପ୍ରାୟତଃ ସେମାନଙ୍କ ଲାଗି ଉପଯୁକ୍ତ ହୋଇ ନ ଥାଏ। ଉଦାହରଣ ସ୍ୱରୂପ, ଧରିବା ପାଇଁ ସ୍ମାର୍ଟଫୋନଗୁଡ଼ିକ ଆକାର ବଡ଼ ହୋଇଥାଏ। ପୁରୁଷଙ୍କ ଡେଟାକୁ ସାଧାରଣ ମାନଦଣ୍ଡ ଭାବେ ବ୍ୟବହାର କରାଯାଉଥିବାବେଳେ ମହିଳାଙ୍କୁ ଅଣଦେଖା କରାଯାଉଛି ଏବଂ ମାର୍କେଟ ବିକଶିତ ହୋଇପାରୁନାହିଁ। ଏହି ଦୃଷ୍ଟିକୋଣ ଏବକାର ଅନିୟୋଜିତ ଅଭିନବତ୍ୱ ବା ନୂତନତ୍ୱ ବିକାଶକୁ ସୂଚିତ କରୁଛି। ବିତ୍ତୀୟ ସେବା କଥା ବିଚାର କରାଯାଉ। ବିଶ୍ୱରେ ସମ୍ପତ୍ତି କ୍ଷେତ୍ରକୁ ପ୍ରତିବର୍ଷ ମହିଳାଙ୍କ ଯୋଗଦାନ ହେଉଛି ୫ ଟ୍ରିଲିୟନ ଡଲାର, କିନ୍ତୁ ଉତ୍ପାଦଗୁଡ଼ିକ ଏଯାବତ ପୁରୁଷଙ୍କ ରୋଜଗାର ଧାରା ଓ ପ୍ରାଥମିକତାକୁ ଦେଖି ଯୋଗାଇ ଦିଆଯାଉଛି। ପରିବାର ବଜେଟର ଏକ ବୃହତ୍ ଅଂଶକୁ ମହିଳାମାନେ ପରିଚାଳନା କରୁଥିବା ସତ୍ତ୍ୱେ ପୁରୁଷଙ୍କ ତୁଳନାରେ ସେମାନେ କମ୍ ବିତ୍ତୀୟ କୁଶଳ ବୋଲି ଅନୁଭବ କରୁଛନ୍ତି। ଏପରିକି ବିଉଟି, ପର୍ସନାଲ କେୟାର ଏବଂ ଗ୍ରୋସରି ଭଳି ପାରମ୍ପରିକ ମହିଳାକୈନ୍ଦ୍ରିକ ଶିଳ୍ପଗୁଡ଼ିକ ମହିଳାଙ୍କର କେବଳ ଦୁଇ ତୃତୀୟାଂଶ ଆବଶ୍ୟକତା ପୂରଣ କରୁଛି ବୋଲି ସେମାନେ ଅନୁଭବ କରନ୍ତି। ଅନେକ ବ୍ରାଣ୍ଡ୍ ଲଗାତର ଗୁଣବତ୍ତା ବଦଳରେ ମାର୍କେଟିଂକୁ ଗୁରୁତ୍ୱ ଦେଉଥିବାବେଳେ ଅଧିକାଂଶ ମହିଳା କହନ୍ତି ଯେ, ସେମାନେ ସୁରକ୍ଷିତ,ଉଚ୍ଚ ଗୁଣବତ୍ତା କିମ୍ବା ଅଧିକ ସୁବିଧାଜନକ ବିକଳ୍ପ ପାଇଁ ୧୫% ଅଧିକ ଅର୍ଥ ଦେବାକୁ ପଡୁଛି। ଏହାକୁ ବନ୍ଦ କରିବା ପାଇଁ କମ୍ପାନୀଗୁଡ଼ିକ ମହିଳାଙ୍କ ସହ ଜଡ଼ିତ ଏବକାର ଉତ୍ପାଦଗୁଡ଼ିକ ବଦଳରେ ବାସ୍ତବରେ ସେମାନେ ଯାହା ଉପରେ ଗୁରୁତ୍ୱ ଦେଉଛନ୍ତି ତାହା ଉପରେ ନଜର ଦେବା ଉଚିତ।

ସ୍ୱାସ୍ଥ୍ୟସେବାରେ କମ୍ପାନୀଗୁଡ଼ିକର ଭାଗୀଦାରି ଅନ୍ୟ ତୁଳନାରେ ଅଧିକ ରହିଛି, ଯେଉଁଠାରେ ମହିଳାଙ୍କ ଅଭିଜ୍ଞତାକୁ ଅଣଦେଖା କରିବା ଜୀବନ ପରିବର୍ତ୍ତନକାରୀ ପରିଣାମ ହୋଇପାରେ। ପରିବାରର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳାମାନେ ୮୩% ନିଷ୍ପତ୍ତି ନେଉଥିବାବେଳେ କେବଳ ୪୧% ମହିଳା କହନ୍ତି ଯେ, ସେମାନଙ୍କ ସମସ୍ୟା ସମାଧାନ ହୋଇପାରୁଛି। ହୃଦ୍ ?ରୋଗ, ଅସ୍ଥି, ମାନସିକ ଓ ଋତୁସ୍ରାବ ସମ୍ବନ୍ଧିତ ସ୍ୱାସ୍ଥ୍ୟ ସମସ୍ୟାର କମ୍ ପରୀକ୍ଷଣ ଓ ଚିକିତ୍ସା ହେଉଛି। ଆମେରିକାରେ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟାର ଉତ୍ପାଦ ଓ ସେବା ୧୦୦ ବିଲିୟନ ଡଲାରରୁ ଅଧିକ। ହେଲେ ହୃଦ୍‌ରୋଗ ଯୋଗୁ ମହିଳାଙ୍କର ଅଧିକ ମୃତ୍ୟୁ ହେଉଛି, ଯାହା ଦର୍ଶାଉଛି ଏଥିରେ ବଡ଼ ସମସ୍ୟା ଅଛି। ଏହାର ଚିହ୍ନଟ ଓ ଚିକିତ୍ସା କମ୍ ହେଉଛି କାରଣ ସ୍କ୍ରିନିଂ ଓ ପ୍ରୋଟୋକଲ ପୁରୁଷଙ୍କ ଲକ୍ଷଣ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ଭେଦଭାବ ଦୂରକରାଯାଇପାରିଲେ ହୃଦ୍‌ଜନିତ ରୋଗର ମାର୍କେଟ ୭୪% ବୃଦ୍ଧି ଘଟି ୨୦୩୦ ସୁଦ୍ଧା ୨୦ ବିଲିୟନ ଡଲାରରେ ପହଞ୍ଚିଯିବ। ଏହି ପ୍ରକାର ଗତିବିଧି ପ୍ରାୟ ସବୁ ଶିଳ୍ପରେ ଚାଲୁଛି। ମହିଳାଙ୍କୁ ବାଦ୍‌ଦେବା ଯୋଗୁ ମାର୍କେଟଗୁଡ଼ିକର କ୍ଷମତା କମ୍ ରହୁଥିବା ଲକ୍ଷ୍ୟ କରାଯାଉଛି। ଯେତେବେଳେ ମହିଳାଙ୍କ ସମସ୍ୟା ସମାଧାନ କରାଯିବ ସେତେବେଳେ ସେମାନଙ୍କ ସ୍ୱାସ୍ଥ୍ୟକ୍ଷେତ୍ରରେ ସୁଧାରହେବା ସହ ଅଧିକ ଲାଭ ମଧ୍ୟ ମିଳିବ। କିନ୍ତୁ ଏଥିପାଇଁ ଏକ ମୌଳିକ ପରିବର୍ତ୍ତନ ଲୋଡ଼ା। ମହିଳାଙ୍କ ସ୍ୱାସ୍ଥ୍ୟ, କ୍ୟାରିୟର, ପରିବାର ଏବଂ ପରିଚୟ ଲଗାତର ଭାବେ ବିକଶିତ ହୋଇ ଚାଲିଛି ଏବଂ ଏହି କ୍ରମବିକାଶକୁ ଧ୍ୟାନରେ ରଖି ମହତ୍ତ୍ୱପୂର୍ଣ୍ଣ ନୂତନତ୍ୱ ଆଧାରରେ ସବୁକିଛି ପ୍ରସ୍ତୁତ କରାଯିବା ଉଚିତ। ଏହା ହାସଲ କରିବାକୁ ହେଲେ ମହିଳାଙ୍କ ଜନସାଂଖ୍ୟିକ ତଥ୍ୟ ସହ ଆହୁରି ଅଧିକ ଗବେଷଣା ଦରକାର। କମ୍ପାନୀଗୁଡ଼ିକ ଅଧିକ ମହିଳାକୈନ୍ଦ୍ରିକ ନିବେଶ କରିବା ଆବଶ୍ୟକ। ଏହାସହ ମହିଳାଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ ଉପରେ ଗବେଷଣା କରାଗଲେ ସେମାନଙ୍କ ଜୀବନ ସମ୍ପର୍କରେ ବ୍ୟାପକ ଅଭିଜ୍ଞତା ମିଳିପାରିବ। ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସଂସ୍ଥା ଏବଂ ଡେଟା ବୈଜ୍ଞାନିକଙ୍କ ସହଭାଗିତାରେ ନୂଆ ଦୃଷ୍ଟିକୋଣ ମିଳିବା ସହ ସମ୍ମିଳିତ ନୂତନତ୍ୱକୁ ଆଗକୁ ନିଆଯାଇପାରିବ।

ଜାତୀୟ ଚେତନା
JATIYA CHETANA



## ୨୬ କୋଟି ବ୍ୟୟରେ ମା’ ଭଗବତୀ ମନ୍ଦିର ଉନ୍ନତିକରଣ

ଭୁବନେଶ୍ୱର,(ଜା.ପ୍ର): ବାଣପୁରର ଆରାଧ୍ୟ ଦେବୀ ମା’ ଭଗବତୀଙ୍କ ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୬ କୋଟି ଟଙ୍କା ବ୍ୟୟ ହେଉଛି। ଏହି କାର୍ଯ୍ୟ ଜାରି ରହିଛି। ଆବଶ୍ୟକ ହେଲେ ଆହୁରି ଅର୍ଥ ଦିଆଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁର ଗସ୍ତ ଅବସରରେ ଆରାଧ୍ୟ ଦେବୀ ମା ଭଗବତୀଙ୍କ ଦର୍ଶନ କରି ରାଜ୍ୟ ବାସୀଙ୍କ କଲ୍ୟାଣ ପାଇଁ ଆଶୀର୍ବାଦ ଭିକ୍ଷା କରିବା ସହିତ ମା ଭଗବତୀ ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଏହା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓବିସିସି ତତ୍ତ୍ୱାବଧାନରେ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୬ କୋଟି ଟଙ୍କା ବିନିଯୋଗରେ ଜାରିରହିଛି। ଏଥିରେ ମନ୍ଦିର ପରିକ୍ରମା, ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା କେନ୍ଦ୍ର, ଯଜ୍ଞ ମଣ୍ଡପ, ପାର୍କିଂ ବ୍ୟବସ୍ଥା ଏବଂ ମୁଖ୍ୟ ମନ୍ଦିର ଓ ପାର୍ଶ୍ୱ ଦେବାଦେବୀ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରହିଛି। ମୁଖ୍ୟମନ୍ତ୍ରୀ ଏ ସମସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରି ମାଆଙ୍କର ଏହି କାର୍ଯ୍ୟ ଯଥା ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡିଏନ୍‌ବି ପାଠ୍ୟକ୍ରମ

ଭୁବନେଶ୍ୱର,(ଜା.ପ୍ର): ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହେବ ଡିପ୍ଲୋମାଟ୍ ଅଫ ନ୍ୟାସ୍‌ନାଲ୍ ବୋର୍ଡ ବା ଡିଏନ୍‌ବି ପାଠ୍ୟକ୍ରମ। ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ, କେନ୍ଦୁଝର ଜିଲ୍ଲାରେ ହେବ ପାଇଲଟ୍ ପ୍ରୋଗ୍ରାମ। ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପ୍ରଥମେ କେନ୍ଦୁଝର ଜିଲ୍ଲାରେ ଏକ ପାଇଲଟ୍ ପ୍ରୋଗ୍ରାମ ଭାବରେ ଆରମ୍ଭ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସଫଳତାକୁ ଅନୁଧ୍ୟାନ କରାଯାଇ ସମଗ୍ର ରାଜ୍ୟରେ ଏହାର ସମ୍ପ୍ରସାରଣ କରାଯିବ। ଡିଜିଟାଲ୍ ମିଶନ ଦ୍ୱାରା ଅଧିକାଂଶ ସ୍ୱାସ୍ଥ୍ୟସେବାକୁ ଯଥା ଆପଏଣ୍ଟମେଣ୍ଟ, ବୁକିଙ୍ଗ୍, ରେଫରାଲ୍ ଓ ଫଲୋଅପ୍ ବ୍ୟବସ୍ଥା ଇତ୍ୟାଦି ସମସ୍ତ କାର୍ଯ୍ୟ ଡିଜିଟାଲ୍ ମାଧ୍ୟମରେ କରାଯିବ। ଏହା ଦ୍ୱାରା ରୋଗୀମାନଙ୍କ ପ୍ରତୀକ୍ଷା ସମୟ କମିବ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ହୋଇପାରିବ। ଏଥିସହିତ ଡାକ୍ତର ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୁଡ଼ିକରେ ଡିଏନ୍‌ବି ପାଠ୍ୟକ୍ରମ ଆରମ୍ଭ ହେବ। ଏଥିରେ ଡାକ୍ତରମାନେ ପ୍ରାକ୍ଟିକାଲ୍ ଓ କ୍ଲିନିକାଲ୍ ଟ୍ରେନିଙ୍ଗ୍ ପାଇ ସ୍ପେସିଆଲାଇଜେସନ୍ କରିପାରିବେ। ସାରା ରାଜ୍ୟରେ ଆୟୁଷ ଔଷଧକୁ ଲୋକପ୍ରିୟ କରିବା ପାଇଁ ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ ଏବଂ କୌଣସି ଏଲୋପାଥିକ ଔଷଧ ପ୍ରେସକ୍ରାଇବ କରିବେ ନାହିଁ। ତତସହିତ ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ନିମନ୍ତେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରମାନଙ୍କରେ ଆର୍ଯୁବେଦିକ ଓ ହୋମିଓପାଥି ମେଡିସିନ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ୧୧୮ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

## ବିକଶିତ ଓଡ଼ିଶା, ବିକଶିତ ଭାରତ ପାଇଁ ହେବ ମାଇଲ୍‌ଖୁଣ୍ଟ

ଭୁବନେଶ୍ୱର,(ଜା.ପ୍ର): ବାଣପୁର ମାଟିରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩୦ଟି ଜିଲ୍ଲାର ୧୧୮ଟି ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଦ୍ୟାର୍ଥୀମାନଙ୍କ ପାଠପଢ଼ାର ମୂଳଦୁଆକୁ ସଶକ୍ତ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ହୋଇଥିବାବେଳେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁର ବ୍ଲକ ଅନ୍ତର୍ଗତ ପଲଟନ ପଡ଼ିଆରେ ରାଜ୍ୟସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଭିତ୍ତିପ୍ରସ୍ତର ସ୍ଥାପନ କରି ଏହା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୩୬ ସୁଦ୍ଧା ଓଡ଼ିଶା ହେବ ସମୃଦ୍ଧ ଓଡିଶା ଏବଂ ଏହି ପରିକଳ୍ପନାରେ ଆଜି ଶୁଭାରମ୍ଭ ହୋଇଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବ, କାରଣ ଆଜିର ବିଦ୍ୟାର୍ଥୀ ମାନେ ହେଲେ ଆସନ୍ତା କାଲିର ନାଗରିକ ଓ ରାଷ୍ଟ୍ର ନିର୍ମାତା। ରାଜ୍ୟର ୩୦ଟି ଜିଲ୍ଲା ପାଇଁ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଏଗୁଡିକ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ। ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ଏବଂ ରାଜ୍ୟର ପ୍ରତି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ। ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଓଡ଼ିଶାରେ



ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ଏହା ଏକ ବଡ଼ ପଦକ୍ଷେପ। ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ନଦେଲେ ପରବର୍ତ୍ତୀ ଶିକ୍ଷା ଦୁର୍ବଳ ହେବ, ଏହାକୁ ଚିନ୍ତା କରି ମୁଖ୍ୟମନ୍ତ୍ରୀ ଏହି ଯୋଜନା ପରିକଳ୍ପନା କରିଛନ୍ତି। ଜଣେ ଶିକ୍ଷକ ମନରେ ସ୍ୱପ୍ନ ଥାଏ ଛାତ୍ରର ଉତ୍ତମ ଭବିଷ୍ୟତ। ବୋଧହୁଏ ପୂର୍ବରୁ ଶିକ୍ଷକ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ମନ ଭିତରେ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀଙ୍କ ସୁଦୃଢ଼ ଭବିଷ୍ୟତ ନିର୍ମାଣ ପାଇଁ ଏହି ଭାବନା ଆସିଥିଲା। ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର କହିଥିଲେ ଯେ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ପିଏମ୍‌ଶ୍ରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କର ସ୍ୱାଗତ ଭାଷଣରେ କହିଥିଲେ ଯେ, ଶିକ୍ଷା ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ। ପଣ୍ଡିତ ଗୋଦାବରୀଶଙ୍କର ଏହି ମହତ ଭାବନାକୁ ଦୃଷ୍ଟିରେ ରଖି ଏହି ଯୋଜନା ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର, କେନ୍ଦୁଝର, ନବରଙ୍ଗପୁର ଏବଂ ପୁରୀ ଜିଲ୍ଲାରୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କର ଏହି ମହତ୍ତ୍ୱକାଂକ୍ଷୀ ଯୋଜନା ପାଇଁ ଅଭାସି ଜରିଆରେ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଏକାମ୍ର ବିଧାୟକ ଭୁବନେଶ୍ୱର ବାବୁ ସିଂ, ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ଓ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ରୁତୁରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ ଥିରୁମାଲା ନାୟକ ଧନ୍ୟବାଦ୍ ଦେଇଥିଲେ।

## ଜାଗା କାଳିଆ ଚାରିଟେବଲ୍ ଫାଉଣ୍ଡେସନ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,(ଜା.ପ୍ର): ଜାଗା କାଳିଆ ଚାରିଟେବଲ୍ ଫାଉଣ୍ଡେସନ (ଜେକେସିଏଫ୍) ଓ ରାଇଜସ୍ମାର୍ଟ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ ମିଳିତ ସହଯୋଗରେ ଜୟଦେବ ଭବନ, ଭୁବନେଶ୍ୱର ଠାରେ ବାର୍ଷିକ ଉତ୍ସବ, ପୁରସ୍କାର ପ୍ରଦାନ ସମାରୋହ ଓ ଆଇଟି କନକ୍ଲେଭ୍ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଅଧିକ ପ୍ରତିନିଧି, ସନ୍ଥ-ମହନ୍ତ, ବୁଦ୍ଧିଜୀବୀ, ପ୍ରଯୁକ୍ତି ବିଶେଷଜ୍ଞ, କଳାକାର ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଅଷ୍ଟକ ଗାନ ସହ ପ୍ରଦୀପ ପ୍ରଜ୍ୱଳନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦ ବ୍ୟାପାର, ବୈଦୁତିକ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟନୀ ଅଭିଭାଷଣ ଦେଇ ଜଗାକାଳିଆ ଚାରିଟେବୁଲ ଟ୍ରଷ୍ଟର ସାମାଜିକ ଓ ଆଧ୍ୟାତ୍ମିକ କାର୍ଯକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏହି ସଂଗଠନ ଆଗାମୀ ଦିନରେ ସମର୍ପିତ ସେବା ସହ ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଠିକ୍ ସଚେତନତା ଦେବ ବୋଲି ଡଃ ମହଲିଙ୍ଗ ଭିଡିଓ ବାର୍ତ୍ତା ମାଧ୍ୟମରେ ଆଶା ପ୍ରକାଶ କରିଥିଲେ।

ପରେ ପରେ ବାବାଜୀ ସଚ୍ଚିଦାନନ୍ଦ ଦାସ, ବାବା ସତ୍ୟାନନ୍ଦ ଦାସ, ଡ଼. ନରେଶ ଚନ୍ଦ୍ର ଦାଶ, ଡ଼. ଭାସ୍କର ମିଶ୍ର ଓ ପୂର୍ଣ୍ଣ ଚନ୍ଦ୍ର ଗୋଛିକାରଙ୍କ ଦ୍ୱାରା ପ୍ରସ୍ତୁତ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା। ଯାହା ଶ୍ରୋତାମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ



ଲକ୍ଷ୍ମୀକାନ୍ତ ପାଲିତ, ଅନିନ୍ଦିତା ଦାସ, ଶ୍ରୀ ମହାପ୍ରସାଦ କର, ଡ଼. ଚନ୍ଦନା ରାଉଳ ଓ ରୂପଶ୍ରୀ ମହାପାତ୍ରଙ୍କ ଦ୍ୱାରା ଭକ୍ତିମୟ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜିତ କୃତ୍ରିମ ବୁଦ୍ଧିମତା, ସାଇବର ସୁରକ୍ଷା ଓ ଉଦୟମାନ ପ୍ରଯୁକ୍ତି ଉପରେ ଆଇଟି କନ୍‌କ୍ଲେଭରେ ଖୁବ ଫଳପ୍ରଦ ଅନୁଶୀଳନ ହୋଇଥିଲା। ଏଥିରେ ରବୀନ୍ଦ୍ର ନାରାୟଣ, ଡ଼. ସ୍ରିଜିତ୍ ଦାସ ଓ ନିଳାଦ୍ରି ମହାନ୍ତି ପ୍ରମୁଖ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ।

ପୁରସ୍କାର ପ୍ରଦାନ ସମାରୋହରେ ବିଭିନ୍ନ କ୍ଷେତ୍ରରେ ସମାଜସେବା ପାଇଁ ଅନେକ ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ପୁରସ୍କାରପ୍ରାପ୍ତମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ପଲିତ, ଅନିନ୍ଦିତା ଦାସ, ମହାପ୍ରସାଦ କର, ଡ଼. ବସନ୍ତ କୁମାର ପଟି, ଡ଼. ଅକ୍ଷୟ କୁମାର ରାଉତ, ନମ୍ରତା ଚାଡ଼ା, ମେଜର ଡ଼. କଳ୍ପନା ଦାସ, ପ୍ରଫେସର ଡ଼. ଦାମୋଦର ଆଚାର୍ଯ୍ୟ, ଜୟଶ୍ରୀ ମହାନ୍ତି, ଡ଼. ସରତ ଚନ୍ଦ୍ର ସାହୁ, ଡଃ ଉମାକାନ୍ତ ମହାପାତ୍ର, ସୁନା ରାମ ସିଂହ,ସନ୍ମତ ମିଶ୍ର, ଶ୍ରୀମତୀ ସଞ୍ଜୁକ୍ତା ପାଣ୍ଡା, ଶ୍ରୀ ସୁଶାନ୍ତ ସାବତ ଓ ଅଧିବକ୍ତା ବିଭୁତି ଭୂଷଣ ଚୌଧୁରୀ ଅନ୍ୟତମ।

କାର୍ଯ୍ୟକ୍ରମରେ ଡ଼. କରୁଣାକର ପ୍ରଧାନ, ଡ଼. ରବୀନ୍ଦ୍ର ନାରାୟଣ ବେହେରା, ଶ୍ରୀ ପରମବ୍ରହ୍ମ ତ୍ରିପାଠୀ, ଡ଼. ସ୍ୱସ୍ତିକ ସତପାଠୀ, ପ୍ରିୟଦର୍ଶୀ ମିଶ୍ର ଓ ଲେଫ୍ଟନାଣ୍ଟ ଜେନେରାଲ୍ ନାରାୟଣ ମହାନ୍ତି ଭଳି ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜେକେସିଏଫ୍‌ର ଅଧ୍ୟକ୍ଷ କହିଥିଲେ ଯେ, ଫାଉଣ୍ଡେସନ ନୂତନ ହେଲେ ମଧ୍ୟ ଏପର୍ଯ୍ୟନ୍ତ ଅନେକ ନିର୍ଲୋଭ ସାମାଜିକ କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଛି। ଆଗାମୀ ଦିନରେ ଓଡ଼ିଶା ସହ ସାରା ଦେଶରେ ଯୁବକ-ଯୁବତୀଙ୍କ ପାଇଁ ତାଲିମ, ଦକ୍ଷତା ବିକାଶ ଓ ରୋଜଗାରମୁଖୀ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସେ ଘୋଷଣା କରିଥିଲେ। ଏହି ସମାରୋହରେ ସେବା, ଆଧ୍ୟାତ୍ମିକତା, ସମାବେଶୀ ଉନ୍ନତି ଓ ସାମାଜିକ ପରିବର୍ତ୍ତନ ପ୍ରତି ଜେକେସିଏଫ୍‌ର ଦୃଢ଼ ପ୍ରତିବଦ୍ଧତାକୁ ଅତିଥି ଓ ବୁଦ୍ଧିଜିବୀ ମାନେ ଉଚ୍ଚ ପ୍ରଶଂସା କରିଥିଲେ।

## ଦକ୍ଷ ଯୁବପିଢ଼ି ହେଉଛନ୍ତି ବିକଶିତ ଓଡ଼ିଶାର ମୂଳଦୁଆ: ମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରରେ ଓଡ଼ିଶା ସ୍କିଲ୍ସ ୨୦୨୫-୨୬ର ଉଦ୍‌ଘାଟନ କରିଛନ୍ତି। ସମାରୋହକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ଯେ ଦକ୍ଷତା ବିକାଶ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ରୂପାନ୍ତରଣର ମୁଖ୍ୟ ଅଂଶ। ଓଡ଼ିଶା ସ୍କିଲ୍ସ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏକ ଏଭଳି ପ୍ଲାଟଫର୍ମ, ଯେଉଁଠି ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଉତ୍କର୍ଷ ମନୋବୃତ୍ତି ବୃଦ୍ଧି ପାଏ। ବିକଶିତ ଓଡ଼ିଶା ଦକ୍ଷ, ଆତ୍ମବିଶ୍ୱାସୀ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ମନୋବୃତ୍ତି ଥିବା ଯୁବପିଢ଼ିଙ୍କ ଦ୍ୱାରା ଗଠନ ହୋଇପାରିବ। ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତାରେ ଏହାର ପ୍ରତିଫଳନ ଦେଖିବାକୁ ମିଳେ ବୋଲି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

ଏହି ପ୍ରତିଯୋଗିତା ସାରା ରାଜ୍ୟରୁ ୫ଶହରୁ ଅଧିକ ଯୁବ ପ୍ରତିଯୋଗୀଙ୍କୁ ଏକାଠି କରିଛି। ସେମାନେ ଶିଳ୍ପର ଆବଶ୍ୟକତା ତଥା ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା ସହ ୪୯ଟି ଦକ୍ଷତା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜେତାମାନେ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ଏବଂ ପରବର୍ତ୍ତୀ ସମୟରେ ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦୁଇବର୍ଷକୁ ଥରେ ଅନୁଷ୍ଠିତ ହେଉଥିବା ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତାକୁ ସ୍କିଲ ଅଲିମ୍ପିକ୍ସ ବୋଲି ମଧ୍ୟ କୁହାଯାଏ। ଚଳିତ ବର୍ଷ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦକ୍ଷତା ବର୍ଗରେ ଓଡ଼ିଶା ସ୍କିଲ୍ସ ୨୦୨୫-୨୬ର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଆସପାୟାର ଯୋଜନା ଅଧୀନରେ ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର ପ୍ରଦାନ କରାଯିବ। ଏହା ଉତ୍କର୍ଷକୁ ସ୍ୱୀକୃତି ଦେବା ସହ ଯୁବପିଢ଼ିଙ୍କୁ ଉଚ୍ଚସ୍ତରର ଦକ୍ଷତା ହାସଲ କରିବାକୁ ପ୍ରୋତ୍ସାହିତ କରିବ। ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତାକୁ ଏକ ଗନ୍ତବ୍ୟସ୍ଥଳ ନୁହେଁ ବରଂ ଏକ ପାହାଚ ଭାବେ ଦେଖିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ କରିଥିଲେ। ପ୍ରତିଯୋଗିତା ଫଳାଫଳରୁ ଶିକ୍ଷା ଗ୍ରହଣ କରିବା ସହ ପ୍ରତିଷ୍ଠାନର ଉନ୍ନତି ପାଇଁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ଅନୁଷ୍ଠାନ ଓ ପ୍ରଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସର୍ବୋତ୍ତମ ଅଭ୍ୟାସଗୁଡିକୁ ଚିହ୍ନଟ କରିବା ସହ ଶିଳ୍ପ ମାନଦଣ୍ଡ ସହିତ ପରିଚିତ ହେବା ପାଇଁ ପ୍ଲାଟଫର୍ମକୁ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ ପରିଚାଳନା ଅଧିକାରୀ, ପ୍ରିନସିପାଲ୍, ଡେପୁଟି ପ୍ରିନସିପାଲ୍, ଶିଳ୍ପ ଅଂଶୀଦାର, ବିଶେଷଜ୍ଞ, ଜୁରୀ ସଦସ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA





# ବିବର୍ଣ୍ଣ ଭାଗ୍ୟଫଳ

## ସୁନନ୍ଦା ମହାନ୍ତି

ମାଆ ମିନତି କହୁଥିଲେ ଆଉ ହେବନି ସମ୍ଭାଳି ଏ ଗରମ। ମତେ କୋଉ ବରଫ ଦେଶରେ ନେଇ ଛାଡ଼ିଦେ ପୁଅ। ତତେ ଏଇଥି ପାଇଁ କହୁଛି କି ବାପା ଓ ମୁଁ ଆମେ ଏ ଡିଜିଟାଲ ଯୁଗର ପଛ ଧାଡିର ମଣିଷ। ଅନଲାଇନରେ ନା ଠିକ କରିପାରିବୁ ସ୍ଥାନ ନିରୂପଣ ନା ବୁକ କରିପାରିବୁ ହୋଟେଲ କହୁଥିଲେ ପୁଅକୁ ମିନତି। ପୁଅ ସବୁ ଶୁଣି କହୁଥିଲା ମୁଁ ମାନୁଛି ଆମ ଗାଁ ଅଳ୍ପବୃଷ୍ଟି ଅଞ୍ଚଳ। ଖୁବ କମ ବର୍ଷା ହୁଏ। ଲଘୁଚାପ ଜନିତ ବର୍ଷା ଯେତିକି ସେତିକି, ନହେଲେ ନାହିଁ। ଏପଟେ ପୁରୀ, ସେପଟେ ଭୁବନେଶ୍ୱର ଓ ସାଇଡରେ ଜଟଣୀ ଇତ୍ୟାଦି ସ୍ଥାନରେ ପ୍ରବଳରୁ ପ୍ରବଳ ମେଘ ବର୍ଷା ହେଉଥିଲେ ମଧ୍ୟ ଆମ ଗାଁ ଆକାଶରେ ଉଠେଇଥିବା ମେଘ କୁଆଡେ ଉଡି ଯାଏ। ଏକଥା ତ ସବୁ ସତ ହେଲେ ମାର୍ଚ୍ଚରୁ ଅଗଷ୍ଟ ତୁ ଓ ବାପା ଯିବ କୋଉଠିକି ? କାଶ୍ମୀର ଯାଇ ତୋର ସହକର୍ମୀ ଚିନ୍ମୟୀ ଗୁରୁମାଙ୍କ ମୃତ୍ୟୁ ତୁ ଏଯାଏଁ ଭୁଲିନୁ। ପୁଣି ଯୁଦ୍ଧ ଭୟ ସାଙ୍ଗକୁ ପ୍ରାକୃତିକ ଓ ଦୈବୀ ଦୁର୍ବିପାକର ଭୟ ବି ରହିଛି ତ କୁଆଡେ ଯିବୁ କହ। କୋଲକାତାର ଯେଉଁ ସବୁ ବରଫ ଭଳି ଜାଗା ଅଛି ଯେମିତିକି ଦାର୍ଜିଲିଙ୍ଗ, ସେସବୁ ସ୍ଥାନ ଖୁବ ଖର୍ଚ୍ଚ ବହୁଳ। ତତେ ଗଙ୍ଗା ମାତାଙ୍କ ଆଳତୀ ଭଲ ଲାଗେ ତ ହରିଦ୍ୱାର ଚାଲିଯା। ହରିଦ୍ୱାର ଯିବାର ଇଚ୍ଛା ବଳବତ୍ତର ହେଉଥିଲା ବେଳେ ଝିଅ ଆସି କହିଲା ବାପା ଓ ମାଆ ଉଭୟଙ୍କୁ ମୁଁ ନେଇଯାଉଛି କୋରାପୁଟ। ସେଠି ସୁନାବେଡାରେ ଥିବା ଜୋଇଁଙ୍କ କ୍ୱାଟରରରେ ଯେମିତି ବର୍ଷା ମୁଁ ସୁନାବେଡାରୁ ରହୁଥିବା ପଚାଶ କିଲୋମିଟର ଦୂର ରଣ୍ଡାପାଲୀରେ ମଧ୍ୟ ସେମିତି ବର୍ଷା। ଗରମ ଓ ଝାଳ ବୋହିବା ନାହିଁ କହିଲେ ଚଳେ। କେବେ ମୋ ପାଖେ ଓ କେବେ ସୁନାବେଡ଼ାରେ ରହି ସମୟ କଟିଯିବ। ଲାଗିବ ବରଫ ଦେଶରେ ରହିଲା ଭଳି।

ପୁଅ ଝିଅଙ୍କ କଥା ଶୁଣି ଭାବନା ରାଇଜରେ ହଜିଗଲେ ମିନତି। ଜୀବନରେ କରିଥିବା ଅନେକ ଭୁଲଭାଲ ଭିତରୁ ଏମିତି ଥରେ କୋରାପୁଟ ଯାଇ ଯେଉଁ ଭୁଲ କରିଛନ୍ତି ଭୁଲି ନାହାଁନ୍ତି ଏଯାଏଁ ସେ ସ୍ମୃତି। ସେଥର ଝିଅ ଜୋଇଁ ଉଭୟଙ୍କ ଛୁଟିର ସୁଯୋଗ ନେଇ ଭାଇଜାଗ ଯାଇ ଗେଷ୍ଟ ହାଉସରେ ରହୁ ରହୁ ସୀମାଞ୍ଚଳ ଯିବାର ସୁଯୋଗ ମିଳିଥିଲା ମିନତିଙ୍କୁ। ସେଠି ଦର୍ଶନ ଧାଡ଼ିରେ ଥିଲାବେଳେ ଦୃଷ୍ଟିଗୋଚର ହୋଇଥିଲା ଭିକାରୀ ମାନଙ୍କ ଭିତରେ ଜଣେ ପଙ୍ଗୁ ଓ ଅଥର୍ବ ଲୋକ ଉପରେ। କିଛି ତ କରିପାରିନି କାହାର ମଙ୍ଗଳ ଅନ୍ତତଃ ପାଞ୍ଚଶହ ଟଙ୍କା ଦେଇ ଦିଅନ୍ତି କି ଲୋକଟିକୁ ଭାବୁ ଭାବୁ ନା ଦର୍ଶନ ଧାଡ଼ିରୁ ବାହାରି ପାରିଥିଲେ ନା ଫେରିଲା ବେଳେ ସେପଟେ ଫେରି ଲୋକଟିକୁ ଭେଟି ପାରିଥିଲେ ମିନତି। ଦର୍ଶନ ଭିତରେ ତାଙ୍କୁ ଠାକୁରଙ୍କ ବଦଳରେ କେବଳ ସେହି ଲୋକଟି ଦିଶୁଥିଲା ଯାହାର ଗୋଟିଏ ଗୋଡ଼ ଆଣ୍ଠୁ ତଳକୁ ନଥିଲା। ନା କାଠ ଗୋଡ଼ ଲଗାଯାଇଥିଲା ବରଂ ଦୁଇ ପାପୁଲିରେ ଦୁଇଟି ଗୋଲିଆ କାଠ ପଟା କରି ଓ ସେଇ କାଠ ପଟା ପାପୁଲି ତଳେ ରଖି ଯିବା ଆସିବା କେତେ କଷ୍ଟ ସାଧ୍ୟ ପ୍ରଭୁ ଭାବି ମିନତି ଠାକୁରଙ୍କୁ ମିନତି କରି କହୁଥିଲେ କାହାକୁ ଏମିତି ଦୁଃଖ ଦିଅନା ପ୍ରଭୁ ଓ ଲୋକଟିକୁ ସହାୟତା ପ୍ରଦାନ କର ପ୍ରଭୁ କହିଚାଲିଥିଲେ.ସେଠୁ ଗେଷ୍ଟ ହାଉସକୁ ଫେରିବା, ସମୁଦ୍ରକୂଳେ ବୁଲିବା କାହିଁରେ ମନ ଲାଗୁନଥିଲା.ନୀରବ ଅଶ୍ରୁର ସାକ୍ଷୀ ମଧ୍ୟ ସେ ଏକା। ଏଥର ପୁଣି କୋରାପୁଟ ଯିବା ଶୁଣି ହୁଏତ ଆଉଥରେ ସୀମାଞ୍ଚଳ ଯିବାର ସୁଯୋଗ ମିଳିବ ଓ ସେହି ପଙ୍ଗୁ ଲୋକ ସଙ୍ଗେ ଦେଖା ହେଲେ ତାକୁ ହଜାରେ କି ଦୁଇହଜାରେ ବା କିଛି ସାହାଯ୍ୟ ସହଯୋଗ କରି ହେବ ଭାବି ମିନତି ବେଡିଙ୍ଗ ସଜାଡିଲେ ଓଡିଶାର ବରଫ ଅଞ୍ଚଳକୁ ଯିବାକୁ। ଝିଅ ଓ ଟିକି ନାତୁଣୀ ନାଇଟ କୋଚ ବସର ଆଗ ସିଟ ଦୁଇଟିରେ ବସିଲା ପରେ ପଛ ସିଟ ଦୁଇଟିରେ ମିନତି ଓ ସ୍ୱାମୀ ବସିଗଲେ ତ ଗାଡି ବଢୁଥିଲା ଆଗକୁ।

ଭୁବନେଶ୍ୱରରେ ଯାତ୍ରୀମାନେ ଫ୍ରେସ ହେବା ପାଇଁ ଓହ୍ଲେଇ ଗଲେ। ମିନତି ମଧ୍ୟ ଝିଅ ଓ ନାତୁଣୀଙ୍କ ସହ ଓହ୍ଲେଇ ୱାସ ରୁମ ଆଡକୁ ଆଗେଇ ଯାଉଥିଲେ। କିଛି ସମୟ ପରେ ଏତିକି ନମ୍ବର ବସ ଛାଡିବ ଡାକରାରେ ଧଡ଼ପଡ଼ ହୋଇ ଆସି ଦେଖିଲା ବେଳକୁ ଅପରୂପା ସୁନ୍ଦରୀ ଜଣେ ମିନତିଙ୍କ ସିଟରେ ବସି ସ୍ୱାମୀଙ୍କ ସଙ୍ଗେ ଘନିଷ୍ଠ ହୋଇଯାଇଛି। ଝିଅ ଓ ମାଆ କିଛି ବୁଝିବା ପୂର୍ବରୁ ତାର ତାଳି ମରା, ଢଙ୍ଗ, ରଙ୍ଗ ଓ ଚାଲି ତଥା ବୋଲିର ବେଢଙ୍ଗ ଜଣେଇ ଦେଉଥିଲା ସେ ସ୍ତ୍ରୀ ଲୋକ ଆଉ କେହି ନୁହେଁ ଜଣେ କିନ୍ନର। ବସ ଛାଡ଼ିବ, ହେଲେ ସେ ସ୍ୱାମୀଙ୍କ ପାଖରେ ଥିବା ମିନତିଙ୍କ ସିଟରୁ ନଉଠି ଗପ ଯୋଡି ଦେଇଥିଲା ସ୍ୱାମୀଙ୍କ ସହିତ। ତା' ହାତ ଧରି ଉଠାଇ ଦେଇ ମୋ ସିଟ ଛାଡ଼ ମୁଁ ବସିବି କହୁ କହୁ କିନ୍ନରଙ୍କର କାଠଗୋଡ଼ ପଟେ ଖସିଗଲା। ମିନତି ଚମକି ପଡ଼ିଲେ। ଏ ତ ସେଇ ପଙ୍ଗୁ ଭିକାରୀ ଯାହାକୁ ସେ ଖୋଜି ଖୋଜି ନିଜ ପାପ ପଥରକୁ ପୁଣ୍ୟ ପତରରେ ପରିଣତ କରିବାକୁ ଚାହୁଁଥିଲେ। ଏଥର ସ୍ୱାମୀ ସ୍ତ୍ରୀ ଦୁହେଁ ଖସି ଯାଇଥିବା କାଠ ଗୋଡଟିକୁ କଟା ଆଣ୍ଠୁରେ ଲଗାଇ ତାଙ୍କୁ ସାଷ୍ଟାଙ୍ଗ କରିବାକୁ ଚେଷ୍ଟା କରୁ କରୁ କେତେ କଥା ଯେ ଭାବୁଥିଲେ ତାର ଠିକଣା ନଥିଲା.ବରଫ ଦେଶ ଭ୍ରମଣ ତ ପଛ କଥା କୋରାପୁଟ ଯିବାକୁ ଆଉ ଇଛା ନଥିଲା ମିନତିଙ୍କର। ହେଲେ ଟିକି ନାତୁଣୀ କହୁଥିଲା ଆମ ସୁନାବେଡାରେ ବର୍ଷା ହେଲେ ଖାଲି ବରଫ ପଡ଼େ। ତେଣୁ ସେଇଟା ବରଫ ଦେଶଟି ଅଜା ! ଅଜା କହୁଥିଲେ- ହଁ ତୋ ଅଜା ଘର ଅପେକ୍ଷା ଅଧିକ ଥଣ୍ଡା ନିଶ୍ଚୟ.ଆଇ ଲାଗିପଡ଼ିଥିଲେ ସେହି କିନ୍ନରଙ୍କ କାଠ ଗୋଡ଼ ଲଗାଇବାରେ। ଝାଳ ନଥିଲା କି ନଥିଲା ଗରମ ବରଂ କାଠ ଗୋଡ଼ଟି ବରଫ ପରି ମନେ ହେଉଥିଲା ମିନତିଙ୍କୁ। ସ୍ୱାମୀ ଓ ଝିଅ ମିନତିଙ୍କୁ ସାହାଯ୍ୟ କଲାବେଳେ କିନ୍ନର କହିଚାଲିଥିଲେ ତାଙ୍କ ଜୀବନ କାହାଣୀ। ତାଙ୍କ ଜନ୍ମ ବେଳେ ମାଆ ପୁଅଟି ପାଇ ଖୁସି। ଘର ସାରା ଆନନ୍ଦର ଲହରୀ ହେଲେ ମାଆଟି କାହିଁକି କେଜାଣି ଚିନ୍ତାଗ୍ରସ୍ତ ଓ ଦ୍ୱିଧାଗ୍ରସ୍ତ ଦେଖାଗଲା। ବଡ଼ ହେଲା ପରେ ବଲ, ବ୍ୟାଟ ପରିବର୍ତ୍ତେ ପୁଅ ଯେବେ ବୋହୂବୋହୂକା ଖେଳିବାକୁ ପସନ୍ଦ କଲା, ପୁଅ ପିଲା ସାଙ୍ଗ ନକରି ଝିଅ ପିଲାଙ୍କ ସାଙ୍ଗ ହେଲା ସେତେବେଳେ ବାପା ସିନା କହିଲେ ମୋ ପୁଅ ଏଇ ବୟସରୁ ପ୍ରେମ କଲାଣି। ଜେଜେ ଜେଜେମା କହିଲେ- ମାୟାଟେ କିରେ ! ମାଆ ଅନ୍ତର ଦୁହିଁ ହେଇଯାଉଥିଲା କୋଉ ଅଜଣା ଆଶଙ୍କାରେ। ପୁଣି ବଡ଼ ହେଉଥିଲା ତ କରୁଥିଲା ଖୁଦୁରୁକୁଣୀ ଓଷା, କୁମାର ପୂର୍ଣ୍ଣମୀରେ ଟେକୁଥିଲା ଆଞ୍ଜୁଳି, ଝିଅମାନଙ୍କ ପରି ଅଳତା ଲଗାଇବାକୁ ପସନ୍ଦ କରୁଥିଲା ପୁଣି ରଜରେ ଚନ୍ଦନ ଟିପି ଟିପି ହୋଇ ବେଶ ହେଉଥିଲା। ସମସ୍ତେ ହସିଦେଲା ବେଳେ ମାଆଟିର ହୋସ ଉଡିଯାଇଥିଲା.ଏତେ ପରିମାଣରେ ଯେ ମ୍ରିୟମାଣ ହୋଇ ହୃଦଘାତରେ ଜୀବନ ଚାଲିଗଲା ପଛେ ନିଜ ଆଶଙ୍କା ଉଦବେଗ କାହା ଆଗରେ ପ୍ରକାଶ କରିନଥିଲା ମାଆ।

ପୁଅ ଖୁବ ଭଲ ପଢୁଥିଲା। ଚାକିରୀ ମଧ୍ୟ ଭଲ କଲା ହେଲେ ବାହାହେବାକୁ ରାଜି ନଥିଲା। ଦିନକୁ ଦିନ ବାପାଙ୍କର ବି ଚିନ୍ତା ବଢିଲା। ସେତେବେଳକୁ ବୟସର ଅପରାହ୍ନରେ ବାପା। ଦୁଃଖ ସୁଖ ଶୁଣିବାକୁ ପରିବାରରେ କେହି ନଥିଲେ। ବନ୍ଧୁ ବାନ୍ଧବ କାରଣ ଖୋଜି ଖୋଜି ବାପା ନାମକ ବ୍ୟକ୍ତି ଜଣଙ୍କୁ ପ୍ରଶ୍ନ ପଚାରି ପଚାରି ବେହୋସ କରିପକାଉଥିଲେ। ତୁ ବାହା ନହେଲେ ଏ ଘର କେମିତି ଚଳିବାର ଧମକ ମଧ୍ୟ ପୁଅକୁ ଶୁଣେଇ ଦେଇଥିଲେ ବାପା ତଥାପି ପୁଅର ଗତି କୁଆଡେ ବୁଝିବା ସମ୍ଭବ ନଥିଲା।

ସେଦିନ କନ୍ୟାଘର ଘର ବର ଓ ଘର ଦେଖିବାକୁ ଆସିବେ ବୋଲି ପୁଅକୁ ଶୁଣେଇ ଦେଇଥିଲେ ମଧ୍ୟ ଠିକ ସମୟରେ ପୁଅ ଘରେ ଅନୁପସ୍ଥିତ ଥିଲା। ପୁଅର ଯେତିକି ଘନିଷ୍ଠ ସାଙ୍ଗ ଥିଲେ ବାପା ସମସ୍ତଙ୍କୁ ପଚାରି ବୁଝୁଥିଲେ ତାଙ୍କ ପୁଅ କାହାକୁ ଭଲ ପାଇଛିକି ? ହେଲେ ଉତ୍ତର ପାଇନଥିଲେ। ଶେଷକୁ ବାପା ଚରମ ବାଣୀ ଶୁଣାଇ ଦେଇଥିଲେ ତୁ ଝିଅ ଦେଖ ନଦେଖେ ମୁଁ ଯୋଉ ଝିଅକୁ ଠିକ କରିଛି ତାକୁ ହିଁ ବୋହୂ କରି ଆଣିବି। ତୁ ଶୁଣୁଛୁ ନା ନାହିଁ କହୁଥିଲେ ବାପା। ପୁଅ ଦୁଆର ଫିଟେଇ ବାହାରି ଆସିଲା। ପୁଅପିଲାଙ୍କ ଡ୍ରେସ ବଦଳରେ ଝିଅଙ୍କ ପରି ଶାଢ଼ୀ ଓ ବେଶଭୂଷା ଦେଖି ଚମକି ପଡିଲେ ବାପା। ସବୁକଥା ବାପାଙ୍କ ଆଗରେ ପରିଷ୍କାର ହୋଇ ଯିବା ପୂର୍ବରୁ ପୁଅ ଚାକିରୀରୁ ଇସ୍ତଫା ଦେଇ ଯେଉଁ ସଂଘରେ ସାମିଲ ହୋଇଥିଲା ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସମୟ ତଥାପି ବାକି ଥିଲା। ବାପା ମଧ୍ୟ କିଛି ଦିନ ପରେ ମାଆ ପରି ହୃଦଘାତର ଶୀକାର ହେଲାବେଳେ ପୁଅ ତା ଦଳବଳ ଘେନି ଆସି ତାଙ୍କ ହିସାବରେ କାମ ବଢ଼େଇବାରେ ହେଳା କରିନଥିଲା। କିନ୍ତୁ ଆକ୍ସିଡେଣ୍ଟରେ ପଡି ଗୋଡ଼ ହରାଇବା ପରେ ରହୁଥିଲା ସେଇ କିଛି ଦିନ ସୀମାଞ୍ଚଳରେ ଏବଂ ପୁରୁଷ ପରି। ତା' ପରେ କାଠ ଗୋଡ଼ ଲଗାଇ ଦଳକୁ ଫେରିଥିଲେ ମଧ୍ୟ ଦଳ ଆଉ ତାକୁ ସ୍ୱୀକାର ନକରିବାରୁ ସେ ତା ନିଜ ପେଟ ନିଜେ ପୋଷି ଚାଲିବା ଭିତରେ ଆଜିର ଏ ଦଶା।

*ସାକ୍ଷୀଗୋପାଳ, ପୁରୀ*
*ମୋ: ୯୦୪୦୯୭୭୩୨୭*

## ସ୍ୱର୍ଗ ମନ୍ଦାକିନୀ ପ୍ରଧାନ ପାଟ



କଳ କଳ ନାଦେ ମନ୍ଥର ଗୁପତେ
ବହୁଛୁ ଝରଣା ତୁହି
କିଏ ନ ଜାଣିଛି ବାମଣ୍ଡା ରାଜ୍ୟରେ
ଅଛପା କେହିତ ନାହିଁ ।
କୈଦନ୍ତା ଶିଖରୁ ସ୍ୱର୍ଗ ଗଙ୍ଗା ଧାର
ଝରୁ ଅଛୁ ନିରନ୍ତରେ
ମାନବ କଲ୍ୟାଣେ ନିଜକୁ ସମର୍ପି
ନାମ ରଖି ଜଗତରେ।
ଉତ୍କଳ ପ୍ରାନ୍ତରୁ ବହୁ ପର୍ଯ୍ୟଟକ
ଆସୁଛନ୍ତି ପ୍ରତିଦିନ
ଆମୋଦ ପ୍ରମୋଦ ବିଳାସ ନିମନ୍ତେ
ଏହିତ ଉତ୍କୃଷ୍ଟ ସ୍ଥାନ।
ଶାଳ ପିଆଶାଳ ଅର୍ଜୁନ ମହୁଲ
କେନ୍ଦୁଚାର ଶାଗୁଆନ
କେତକୀ, ସେବତୀ ଗେଣ୍ଡୁ ଓ ମାଳତୀ
ସୁରଭିତ କୁଞ୍ଜବନ ।
ଏସନ ପ୍ରପାତ ନାହିଁ ତ ଜଗତେ
ଦେବଗଡ଼ ଦେବ ଦୁର୍ଗେ
ପରିବେଶ ହିତେ ଅହର୍ନିଶି ବହେ
ମନ୍ଦାକିନୀ ସମ ସ୍ୱର୍ଗେ ।।

**ଉପମା ରଣ**
କଣ୍ଢେଳ, ଦେବଗଡ଼
ଦୂରଭାଷ: ୯୧୭୮୪୨୪୦୧୬

## ଜଞ୍ଜାଳ ସାଗରେ ସ୍ୱପ୍ନ ଦ୍ୱୀପ

ମଧୁ ସ୍ୱପ୍ନ ମୋର ଭାଙ୍ଗିଗଲା
ସବୁ ଯେବେ ଯୌବନେ ପ୍ରବେଶ ହୋଇଲି,
କର୍ମକୁ ଆଦରି କଷ୍ଟ ସାଥେ ଧରି,
ଖଣ୍ଡା ଧାରରେ ମୁଁ ଚାଲି ଆସିଲି।



ଜଞ୍ଜାଳ ବିଷମ ଜଗତରେ ମୁହିଁ
ସ୍ୱପ୍ନ ପଛେ ସତେ ଧାଇଁଲି,
ଯନ୍ତ୍ରଣାର ମୋହ ଗ୍ରାସ କଲା ମୋତେ
ନିସହାୟ ମୁଁ ଯେ ହୋଇଲି।
ଭାବିଲି ସତେ କି ଏହା ଅଟେ
ମୋର ଜୀବନର ଚଲାପଥ,
ମୁଁ କିମ୍ବା ଜାଣିବି ଏହି କର୍ମ ପରା
ଦେଖାଏ ଯେ ନର୍କ ବାଟ।
ଯନ୍ତ୍ରଣାର ନର୍କେ ଛଟପଟ ମୁହିଁ
ଖୋଜୁଛି ମୁକ୍ତିର ବାଟ,
ସ୍ୱପ୍ନକୁ ପାଶୋରି କର୍ମକୁ ଆଦରି
ଖୋଜିଛି କଷ୍ଟର ବାଟ ।
କେଜାଣି କାହିଁକି ମଧୁ ସ୍ୱପ୍ନ ରାଜ୍ୟୁ
ମୋତେ ଆସୁଛି ପ୍ରବଳ ଚିଠି,
ନର୍କ ମୋହ ଗ୍ରାସେ
ଚିଠି ପଢିବି ବୋଲିକି
ସମୟ କୋଉଠୁ ପାଉଛି।
ଚଞ୍ଚକିତ ମନ ସହି ପାରୁନାହିଁ
ଭାବେ ଫେରିବ ବୋଲିକି ସେଠାକୁ,
ଜଞ୍ଜାଳ ଜିଞ୍ଜିର ଝାଙ୍କିକି ଭାଙ୍ଗିକି
ଫେରିବାକୁ ହବ ସେଠିକି।

**ଓମ୍ ପ୍ରକାଶ ସାହୁ**
ପ୍ଲଟ୍ ନଂ-ବି୩, ଫେଜ୍-୫, ଡୁମୁଡୁମା,
ଏଚ୍‌ବି କଲୋନୀ, ଖଣ୍ଡଗିରି, ଭୁବନେଶ୍ୱର
ପିନ୍-୭୫୧୦୧୯
ମୋ: ୬୩୭୦୮୪୬୦୭୦

## ଶୀତ

ସହରରେ ଶୀତ ନାହିଁ
ଗାଁରେ ଖେଳୁଛି
ସହରର ଅଟ୍ଟାଳିକା
ଗରମ ଛାଡୁଛି ।
ସୁଲୁସୁଲୁ ପବନରେ
ଶୀତ ଯାଏ ମାଡ଼ି
ନଈକୂଳ ଫସଲରେ
ଭାଙ୍ଗୁଛି ଲହଡ଼ି ।
କଅଁଳିଆ ଖରା ସୁଖ
ପାଳ ଗଦା ମୂଳେ
କୁଡି ଛୁଆ ଗଡ଼ାଗଡ଼ି
ଉଷୁମ ପାଇଲେ ।
ସହରକୁ ଡରିଗଲା
ଆସିବନି ଫେରି
ଗାଁ ଭୂଇଁ ଭାରି ଭଲ
ପ୍ରେମ ଅସୁମାରୀ ।
ବଣ ପାହାଡ଼ ଜଙ୍ଗଲ
ବିସ୍ତୀର୍ଣ୍ଣ ପଡ଼ିଆ
ଗହୀରରେ ରାତି ହୁଏ
ଭୁକିଲେ ବିଲୁଆ ।
ଜହ୍ନ ଆସେ ହସି ହସି
ଆକାଶ ଛାତିରେ
ସହରକୁ ଦିଶେ ନାହିଁ
ଲୁଚେ କେଉଁଠାରେ ।
ସହରରେ ନିଜ ସ୍ୱାର୍ଥ
ମିଳେ ନାହିଁ ଭାବ
ସ୍ୱପ୍ନ ଏଠି କିଣାଯାଏ
ଶୀତ ବି ଅଭାବ ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA





# ପ୍ରଶ୍ନବାଚୀ

ଅମ୍ବିକା ସ୍ୱାଇଁ



ଆଜି ଯାଏ ଭୁଲି ପାରୁନି,ସେ ଦିନର ଘଟଣା। ଅଫିସ୍‌ରୁ ଫେରୁଥାଏ ଅଟୋରୁ ଓହ୍ଲାଇ ରାସ୍ତା ପାରି ହେବା ସମୟରେ ଏକ ବାଇକ୍‌ରେ ତିନି ଜଣ ଯୁବକ କୁଆଡ଼େ ଥିଲେ କେଜାଣି ମଝି ରାସ୍ତାରେ ମୋ ଆଡ଼କୁ ହଠାତ୍ ପବନ ବେଗରେ ମାଡ଼ି ଆସିଲେ ମୁଁ କିଛି ଭାବିବା ପୂର୍ବରୁ ସେ ମୋତେ ଧକ୍କା ଦେଇ ଚାଲି ଗଲେ, ରାସ୍ତାର ସେପଟେ ଏକ ଛୋଟ ପିଲାଟି ବଡ଼ ପାଟି କରି ହେ, ପ୍ରଭୁ ରକ୍ଷାକର କହି ମୋ ପାଖକୁ ଦୌଡ଼ି ଆସିଲା, ମୋ ହାତ ଧରି ଉଠାଇ ଦେଇ କହିଲା- ମାଡାମ ଏବେ ଆପଣଙ୍କର କ'ଣ ହୋଇ ଥାନ୍ତା ଯେ ? ଭଗବାନ୍ ଆପଣଙ୍କୁ ରକ୍ଷା କରି ଦେଲେ। ମୁଁ କହିଲି ହଁ ବେଟା ତୁମର ସେ ସରଳ ମନର ବ୍ୟାକୁଳତା ପଣର ବିକଳ ଡାକ ବୋଧେ ଭଗବାନ୍ ଶୁଣିଲେ,ସେଥିପାଇଁ ମୁଁ ଏତେ ବଡ଼ ଆକ୍ସିଡେନ ରୁ ରକ୍ଷା ପାଇଗଲି,ମରୁ ମରୁ ବଞ୍ଚିଗଲି ?। ଆଜିକାଲି ର ପିଲାଙ୍କ ଗାଡିଖଣ୍ଡେ ହାତରେ ପାଇଗଲେ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି ତୁମେ ବଡ଼ ହେଲେ ଏମିତି ବେପରୁଆଭାବେ କେବେ ବି ଗାଡି ଚଲେଇବନି, କଣ୍ କହୁଛ ବେଟା ? ହଁ ମାଡାମ୍ କେବେ ବି ନୁହେଁ।

ଏମିତି କଥବାର୍ତ୍ତା ଭିତରେ ରାସ୍ତା ଆର ପଟକୁ ଏକା ସଙ୍ଗେ ଦୁହେଁ ଏକା ରାସ୍ତାରେ କଥା ହୋଇ, ,ଚାଲିଲୁ ପରସ୍ପର ତା'ସହିତ କଥାବାର୍ତ୍ତାରୁ ଜାଣିଲି ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛି, ୧୧/କି ୧୨ ବର୍ଷ ବୟସ ହେବ। ମୋତେ ହଠାତ କହିଲା ଜାଣିଛନ୍ତି

ମାଡାମ୍ ମୁଁ ଆପଣଙ୍କୁ ସବୁଦିନେ ୪ଟା ବେଳେ ଟିଉସନ୍ ଗଲାବେଳେ ଦେଖେ,ଭାରି ଇଚ୍ଛା ହୁଏ କଥା ହେବାକୁ ହେଲେ କଥା ହୋଇ ପାରେ ନାହିଁ। ମୁଁ କହିଲି କାହିଁକି ? ଭାରି ଡର ଲାଗେ,ସାହସ ହୁଏ ନାହିଁ,ମନରେ ମୋର କେତେ ପ୍ରଶ୍ନ ଉଙ୍କି ମାରେ, ପଚାରିବି, ପଚାରିବି ଭାବି ରହିଯାଏ ଭଗବାନଙ୍କୁ ଅଶେଷ ଧନ୍ୟବାଦ ସେ ବୋଧେ ମୋ ମନ କଥା ଜାଣିପାରି ଆପଣଙ୍କ ସହ ମୋତେ କଥା ହେବାର ସୁଯୋଗ ଦେଲେ। ଆଜି ମୋତେ ବହୁତ୍ ଖୁସି ଲାଗୁଛି ମାଡ଼ାମ୍ ଅନେକ ଦିନର ଇଛା ମୋର ପୂରଣ ହେଲା। କହିଲା ସତରେ, ମୁଁ ଯେ ଆଜି ଏତେ ଖୁସୀ ଭାଷା ପାଉନି ବ୍ୟକ୍ତ କରିବାକୁ। ଆଜି ମୋର ବହୁତ୍ ବଡ଼ ଭାଗ୍ୟ। ଆପଣଙ୍କ ସହ ଭେଟ ହେଲା

ଏମିତି ଦୁର୍ଯୋଗରେ କିନ୍ତୁ ମୋ ପାଇଁ ଏହା ବଡ଼ ସୌଭାଗ୍ୟ। ସବୁ ଦିନ ଦୂରରୁ ଦେଖି ଭାବୁ ଥିଲି ଆପଣ ଜଣେ ଭଲ ମଣିଷ ହୋଇଥିବେ , ଆଜି କିନ୍ତୁ ପାଖରୁ ଅନୁଭବ କରୁଚି ଆପଣ କେତେ ଭଲ ସ୍ନେହୀ ମଣିଷଟିଏ। ଯାହା ହେଉ ଭଗବାନ୍ ଙ୍କ ଦୟାରୁ ଆଜି ଆପଣଙ୍କ ସହ କଥା ହେବାର ସୁଯୋଗ ମିଳିଲା। ମୁଁ ତା'ଠାରୁ ଏକ ନିଶ୍ୱାସରେ ଏତେ କଥା ଶୁଣି ଅବାକ୍ ହେଲି, କହିଲି ଆଚ୍ଛା ! ତେବେ କ'ଣ ପାଇଁ ଇଚ୍ଛା ହୁଏ ମୋ ସହ କଥା ହେବାକୁ ? କହିଲା ମାଡାମ ମୁଁ ଜାଣିନି,କିନ୍ତୁ ଆପଣଙ୍କୁ ଦେଖିଲେ ମୋତେ ଖୁବ୍ ଭଲ ଲାଗେ ଆପଣ ଯେମିତି ମୋର କିଏ ଅତି ନିଜର ପରି ମନେ ହୁଏ। କିଛି ବୁଝି ପାରିଲିନି, ଏମିତି ଛୋଟ ପିଲାଟି ଏମିତି କହିବାର କାରଣ କ'ଣ ? ତତ୍ କ୍ଷଣାତ ତାକୁ ପଚାରିଲି ବେଟା, ତୁମ ଘରେ ସବୁ କିଏ ଅଛନ୍ତି ? କହିଲା ମୋ ବାବା ମାଆ,ଆଉ ମୁଁ। ତେବେ ତୁମେ କ'ଣ କେବଳ ଗୋଟିଏ ପୁଅ ? ହଁ ! ଏମିତି କଥବାର୍ତ୍ତା ଭିତରେ ଆମ ଘରକୁ ଯିବା ରାସ୍ତାର ଛକ୍ରର ବାମହାତି ତା ଘରକୁ ଯିବା ରାସ୍ତା ପଡ଼ିଲା ମୋତେ ବିନମ୍ର ନମସ୍କାରଟି ପକାଇ ଯିବାକୁ ଉଦ୍ୟତ ହେଲା ,ମୁଁ ମଧ୍ୟ ତା ମୁଣ୍ଡରେ ହାତ ରଖି ତାକୁ ଭଲ ପାଠପଢି ଭଲ ମଣିଷଟି ହୁଅ ବୋଲି ଆଶୀର୍ବାଦ କରି ଗୋଟିଏ ପଦ କଥା କହିଥିଲି -

ବେଟା ଶୁଣ ଜୀବନ ରେ ବଡ଼ ଚାକିରି କରି ବଡ଼ ମଣିଷଟି ନ ହୋଇ ପାରିଲେ ବି ସବୁ ବେଳେ ମନେ ରଖିବ ଭଲ ମଣିଷଟି ହେବାକୁ ଚେଷ୍ଟା କରିବ। ହଁ ମ୍ୟାଡମ ନିଶ୍ଚୟ ମୁଁ ଭଲ ମଣିଷ ହେବାକୁ ଚେଷ୍ଟା କରିବି। ଆପଣଙ୍କ ଆଶୀର୍ବାଦ ଏମିତି ଥାଉ। ମାଡାମ ଗୋଟେ କଥା କହିବି ? କୁହ ବେଟା। ଆପଣ ଜାଣିଛନ୍ତି ନା ?ଆରେ ବେଟା କଣ ? ନା, ନା ପରେ କହିବି। କହି ତା'ଆଖି ଛଳ ଛଳ ହୋଇଗଲା। କିନ୍ତୁ ମୁଁ ଯେତେ ପଚାରିଲି କିଛି କହିଲାନି।

କାହିଁକି କେଜାଣି ତା' ଛଳ ଛଳ ଆଖି ଦେଖି ମୋ ମନଟା ଭାରି ବ୍ୟସ୍ତ ଲାଗିଲା। ଏତିକି ଆଶ୍ୱାସନା ଦେଲି, ହଉ ବେଟା ବ୍ୟସ୍ତ ହୁଅନି ,ତୁମେ କଣ କହିବାକୁ ଚାହୁଁଚ ? ମୁଁ ତୁମ କଥା ଶୁଣିବାର ଅପେକ୍ଷାରେ ରହିଲି। କଣ ଭାବିଲା କେଜାଣି ମୋ ମୁହଁକୁ ଚାହିଁ ଟିକେ ମୁରୁକି ହସି ଦେଲା, ତା କଅଁଳ ନିଛନ୍ଧ ହସରେ କି ଯାଦୁ ଥିଲା କେଜାଣି ! ତା ସ୍ନେହର ଆକର୍ଷଣରେ ମୁଁ ବାନ୍ଧି ହୋଇଗଲି। ତା'ପର ଦିନ ମୁଁ ମୋ କାର୍ଯରେ ବାହାରି ପଡ଼ିଲି ଘରୁ ଠିକ୍ ୪ଟା ବେଳେ। ରାସ୍ତା ଚାଲୁ ଚାଲୁ ଟିକେ ଦୂରରୁ ଦେଖିଲି ସେହି ଛକରେ ସେ ଛିଡ଼ା ହୋଇ ମୋତେ ଚାହିଁଛି ଓ ମୁରୁକି ମୁରୁକି ହସୁଛି, ମୁଁ ତା' ପାଖରେ ଆସି ପହଂଚିଲା ମାତ୍ରେ ବିନମ୍ର ନମସ୍କାରଟି ପକାଇଲା ମୁଁ ତାକୁ ପ୍ରତି ନମସ୍କାର ଜଣାଇ, ପଚାରିଲି ଆରେ ବେଟା ଏଠି ଠିଆ ହୋଇଛ ଯେ ! ହଁ ଆପଣଙ୍କୁ ଅପେକ୍ଷା କରି ଛିଡ଼ା ହୋଇଥିଲି, ମାଡାମ୍। ମୁଁ ଜାଣିଛି ଆପଣ ଏହି ସମୟରେ ଆସିବେ। ଆଚ୍ଛା ! କ'ଣ ପାଇଁ ? ଅପେକ୍ଷା କରିଥିଲ ? ନା ମାଡ଼ାମ୍ କିଛି ନାହିଁ,ଏମିତି ! ମୁଁ କହିଲି ଆରେ ବେଟା ମାଡ଼ାମ୍ ନୁହେଁ ଆଣ୍ଟି ବୋଲି ଡାକ। ହଠାତ୍ ଜିଭ୍ କାମୁଡ଼ି ପାକାଇ କହିଲା ଆରେ ବାପରେ ନା ନା ମୁଁ ଆପଣଙ୍କୁ ଆଣ୍ଟି ବୋଲି କେବେ ଡାକିବିନି। ଆରେ କାହିଁକି ? ନା କେବେ ନୁହେଁ। ମୁଁ କ'ଣ ବା ତାକୁ କହିବି କିଛି ବୁଝିପାରିଲିନି, ଆଶ୍ଚର୍ଯ୍ୟ ହେଲି ତା' କଥା ଶୁଣି। ଗଲା ବେଳେ ତା' ପିଠି ରେ ହାତ ଥାପୁଡ଼େଇ ଆରେ ଚଗଲା ଟା କହି ଚାଲି ଗଲି।

ସେହି ଦିନଠାରୁ ମୁଁ ତାକୁ ଚଗଲା ବୋଲି ଡାକେ। ସବୁ ଦିନ ସେ ମୋ ଆସିବା ବାଟକୁ ଚାହିଁ ରହିଥାଏ ଦୁରୁରୁ ଦେଖି ମୁରୁକି ହସିଦେଇ ନମସ୍କାର ଟିଏ ପକାଇ ମୋ ସହିତ ପାଦ ପକାଇ ଆଗକୁ ଚାଲେ। ଏହା ଏକ ନିତିଦିନିଆ ଘଟଣା ହୋଇଗଲା। ଯଦି କେଉଁ ଦିନ ସେ ଠିଆ ହୋଇ ନଥାଏ , ମୋ ଆଖି ବି ତାକୁ ଚାରି ଆଡେ ଖୋଜେ। ମନ୍ଦିର ଭିତରକୁ ଗଲେ ଯଦି ଠାକୁରଙ୍କ ଦ୍ୱାର ଖୋଲା ନ ଥାଏ ,ତେବେ ମନ ଯେମିତି ବ୍ୟାକୁଳ ହୁଏ

ଦିଅଁଙ୍କ ଦର୍ଶନ ନ କରିପାରି। ତାକୁ ନ ଦେଖିଲେ ମୋ ମନ ସେହିପରି

ବ୍ୟାକୁଳିତ ହୁଏ। ମୋର ଯେମିତି କିଛି ମୂଲ୍ୟବାନ ଜିନିଷ ହଜିଗଲା ପରି ଅନୁଭବ କରେ। କିନ୍ତୁ ଭାଗ୍ୟକୁ ମୁଁ କାର୍ଯ୍ୟସ୍ଥଳୀରୁ ଫେରିଲା ବେଳକୁ ଦେଖେ ସେ ସେହି ନିର୍ଦ୍ଦିଷ୍ଟ ଜାଗାରେ ଠିଆ ହୋଇ ମୋତେ ଅପେକ୍ଷା କରିଥାଏ। ସେ ମୋତେ ଦେଖୁ ଦେଖୁ ଦୁଇ ପାଦ ଆଗକୁ ଚାଲି ଆସେ। ଆଜି ୪ ଟାରେ କାହିଁକି ଆସି ନଥିଲ ବୋଲି ପଚାରିବା ପୂର୍ବରୁ ସେ ଆଗତୁରା କାରଣ କହି ପକାଏ। ଧିରେ ଧିରେ ମୁଁ ଅନୁଭବ କରେ ମୋ ପ୍ରତି ତାର ଯଥେଷ୍ଟ ସମ୍ମାନ ଓ ଖୁବ୍ ଭଲ ପାଇବା ଅଛି।

ମୁଁ କେଉଁ ଦିନ କେଉଁ ରଙ୍ଗ ଶାଢ଼ୀ ପିନ୍ଧିଚି କଣ୍ ଗହଣା ଲଗେଇଛି ,କେଉଁ ଦିନ କେତେ ସୁନ୍ଦର୍ ଦିସୁଛି ସବୁ ର ତର୍ଜମା ସେ କରେ। ମୁଁ କିନ୍ତୁ ତା ଠାରୁ ଏମିତି କଥା ଶୁଣି,ମନେ ମନେ ବିରକ୍ତ ହୁଏ,ଭାବେ ଏତେ ଛୋଟ

ପିଲାଟି ଏମିତି କଣ କହୁଛି ଯେ ! ତଥାପି ତାକୁ ରାଗିକି କିଛି କହି ପରେନି, କାରଣ ଏତେ ଛୋଟ ପିଲାଟି ଏତେ ଶ୍ରଦ୍ଧାରେ କହୁଛି ,କିଛି କହିଲେ କାଳେ ତା'ମନରେ କଷ୍ଟହେବ , ସେଥିପାଇଁ ମୁଁ ବି ସ୍ନେହରେ ଖୁବ୍ ଗେଲ୍‌ହା ପଣରେ ତା'ଗାଲରେ ହାତ ମାରି ଦୁଷ୍ଟ ଟିଏ କହି ଚାଲି ଯାଏ। ସେ ବି ଫୁଲେଇ ହୋଇ କଅଁଳ ସ୍ୱର୍ ରେ କହି ପକାଏ ମାଡାମ୍ ମୁଁ ମୋଟେ ଦୁଷ୍ଟ ନୁହେଁ ମୁଁ ଏକଦମ ଭଲ ପିଲାଟିଏ। ମୁଁ କହେ ଭଲ ପିଲା ନା ଆହୁରି କ'ଣ ! ତୁ ପୁରା ଦୁଷ୍ଟଟେ। ଏମିତି କହି କେତେ ଥର ଯେ ତା'କାନ ମୋଡିଥିବି ହିସାବ ନାହିଁ। ବେଳେ ବେଳେ ଅଭିମାନରେ କହିବ ହଉ ମ୍ୟାଡାମ୍ ଆଉ ଆପଣଙ୍କୁ କିଛି କହିବିନି। କିନ୍ତୁ ପୁଣି ତା'ପର ଦିନ ସେହି ଏକାକଥା। ମାଡାମ ସତରେ ଆପଣ ଆଜି ଭାରି ସୁନ୍ଦର୍ ଦିସୁଛନ୍ତି, ଆଜି ଏଇ ଡ୍ରେସ ଟା ନା ଆପଣଙ୍କୁ ଖୁବ୍ ମାନୁଛି। ଏମିତି ନିତି ଦିନ ଦେଖା ସାକ୍ଷାତ ଓ କଥା ବାର୍ତ୍ତାରେ ଦୀର୍ଘ ଦୁଇ ବର୍ଷ କଟି ଗଲା କିପରି ସମୟ,ଜଣା ପଡିଲାନି।

ଭଲ ଭାବେ ମନେ ଅଛି ଦିନ କର କଥା। ସେଦିନ ମୁଁ ଭଲ ପାଟ ଶାଢ଼ି ଟିଏ ପିନ୍ଧି ପଥର ସେଟିଂ ସୁନା ହାର ଓ କାନର ଲଗାଇ ସଜେଇ ହୋଇ,ବାହାରି ପଡ଼ିଥାଏ, ଚିକିତ୍ସା କେନ୍ଦ୍ରରେ ନିତି ଦିନିଆ ସେବା କାର୍ଯ୍ୟ ସାରି ସେହି କେନ୍ଦ୍ରରୁ ଏକା ଥରେ ଯିବି ମୋ ସାଙ୍ଗ ଭଉଣୀର ବାହାଘର ରେ ଯୋଗ ଦେବାକୁ। ମୁଁ ଚାଲି ଥାଏ ରାସ୍ତାରେ ସେ ଚଗଲା ଦୂରରୁ ଦେଖି ଆଁ କରି ଆଶ୍ଚର୍ଯ୍ୟ ନୟନରେ ଚାହିଁ ରହି ଥାଏ। ମୁଁ ପାଖକୁ ଗଲା ମାତ୍ରେ ନମସ୍କାର ପକାଇ କହିପକାଇଲା, ମାଡାମ୍ ଆଜି କଣ୍ ଦିଶୁଛନ୍ତି ! ପୁରା ସ୍ୱର୍ଗର ପରୀ। ହେ, ହେ ଚଗଲା ତୁମକୁ ମାଡ଼ ଦରକାର। ହଁ ମାରନ୍ତୁ ପଛେ ମୋତେ କିନ୍ତୁ ସତ କଥା ଆଜି ଆପଣଙ୍କ ପଛରେ ଚୋର ପଡ଼ିଯିବେ। ହଉ ହଉ ଚୋର ପଡ଼ନ୍ତୁ ତୁମେ କିଛି ଚିନ୍ତା କରନି। ମୁଁ ୧୦୦ କୁ ଡାଏଲ କରି ଦେବିନି ! ପୋଲିସ ସଙ୍ଗେ ସଙ୍ଗେ ଚାଲି ଆସିବେ। ଏହା ଶୁଣି ସେ ବି ହସିଲା, ମୁଁ ସ୍ମିତ ହାସ୍ୟଟିଏ ଦେଇ ମୋ କାମରେ ମୁଁ ଚାଲି ଗଲି।

ତା'ପର ଦିନ ଠିକ୍ ସେହି ସମୟରେ ମୁଁ ଆସିଲା ବେଳକୁ ସବୁ ଦିନ ପରି ମୋତେ ଅପେକ୍ଷା କରି ଛିଡ଼ା ହୋଇଛି ,ମୋତେ ଦେଖୁ ଦେଖୁ ମୋ ହାତକୁ ଏକ ୟବେସ୍ୱଛ ଝ୍ନସଷଲ ଚକୋଲେଟ ଟି ବଢାଇ ଦେଇ କହିଲା-ମାଡ଼ାମ୍ ଆଜି ମୋର ଜନ୍ମଦିନ। ମୁଁ ଏକଥା ଶୁଣି ତାକୁ'ଜନ୍ମ ଦିନର ଶୁଭେଚ୍ଛା ଜଣାଇ, ଯେତିକି ଖୁସି ହୋଇ ଥିଲି,ବେଶି ଦୁଃଖିତ ହୋଇଥିଲି ଅଭିମାନ,ରାଗ ମିଶା ସ୍ୱରରେ ତାକୁ କହି ଥିଲି ଆରେ ବେଟା ତୁମେ ମୋତେ କାଲି କହିଲ ନି କାହିଁ ? ତୁମ ପାଇଁ ମୁଁ କିଛି ଗିଫ୍ଟ ଆଣିଥାନ୍ତି, ମୁଁ ତୁମ ସହ ଆଜି ଠୁ ଆଉକଥା ହେବିନି। ମନ ଦୁଃଖ କରି କହିଲା ମ୍ୟାଡାମ୍ ସେମିତି କୁହନ୍ତୁ ନି ଆପଣ ମୋ ସହ କଥା ନ ହେଲେ ନା ! ମୁଁ ମରିଯିବି। ମୁଁ ତା' ମୁହଁରୁ ଏପରି ଅମଙ୍ଗଳିଆ କଥା ଶୁଣି ଚମକି ପଡିଥିଲି, ତା'ପାଟିରେ ହାତ ଦେଇ ତାକୁ ଅଟକାଇ ଥିଲି। ସେ ଦିନ ମୋ ଆଖି ଛଳ ଛଳ ହୋଇ ଯାଇଥିଲା। ଅଜାଣତରେ ମୋ ଆଖିରୁ

ଅଶ୍ରୁ ବୁନ୍ଦା ବୋହି ଆସିଥିଲା। ମୁଁ ଅନୁଭବ କରୁଥିଲି ସତରେ ସେ କେତେ ଭଲ ପାଏ ମୋତେ। ମୋ ପାଟିରୁ ବାହାରି ଆସିଥିଲା ସେମିତି କାଳ କଥା କୁହନ୍ତିନି ରେ ଚଗଲା। ଏହା କହୁ କହୁ ସେ କହି ପକାଇଲା ଆପଣ ସତ୍ କୁହନ୍ତୁ ମୋ ସହ ଅପଡ କରି ବେନି ତ୍ ? ଆରେ ବେଟା ନା 'ରେ ବିଲକୁଲ୍ ନୁହେଁ ମୋ ସୁନା ଗେହ୍ଲା ଚଗଲା କୁ ଛାଡ଼ି କଣ୍ ମୁଁ ରହି ପାରିବି !!ଏହା କହି ତା ଗାଲ କୁ ଗେଲରେ ଟାଣି ଦେଲା ଭିତରେ ଜାଣିଲି ତା' ଦେହ ଖୁବ୍ ତାତିଛି ,ପଚାରିଲି ଆରେ ତୋ ଦେହ କଣ୍ ଏତେ ତାତିଛି ? କହିଲା ମାଡାମ ମୋ ମୁଣ୍ଡ ଟିକେ ବିନ୍ଧୁଚି ଥଣ୍ଡା ଧରିଛି ସେଥିପାଇଁ ଦେହ ବୋଧେ ଉଷୁମ ଅଛି। ହଉ ତେବେ ଆସ ମୋ ସାଙ୍ଗ ରେ ସିଦ୍ଧ ଚିକିତ୍ସା କେନ୍ଦ୍ର କୁ ସେଇଠି ତୁମକୁ ଫ୍ଷ୍ବରବଫ୍ଷଙ୍କରଭଫ୍ଷ କରି ଦେବି ସଙ୍ଗେ ସଙ୍ଗେ ଭଲ ହୋଇ ଯିବ। କହିଲା ନାଇଁ ମାଡାମ ମୋର ଟିଉସନ୍ ଅଛି ତ ମୁଁ ଗଲେ ଡେରି

ହୋଇ ଯିବ ସାର୍ ରାଗିବେ ଆପଣ ଯାଆନ୍ତୁ ମୁଁ ମେଡ଼ିସିନ୍ ଦୋକାନରୁ ଗୋଟେ ଡାଏରୀ ମିଲ୍କ କିଣି ଖାଇଦେବି ଜର ଥଣ୍ଡା ସବୁ ଭଲ ହୋଇଯିବ। ଆପଣ ଚିନ୍ତା କରନ୍ତୁନି ,ମୁଁ କହିଲି ହଉ ଠିକ୍ ଅଛି। ଝବଳର ମବକ୍ସର ମୁଁ ଆସୁଛି ବେଟା। କହିଲା ମାଡାମ ଗୋଟେ ଅନୁରୋଧ କରିବି ରଖିବେ ?

ମୁଁ କହିଲି କଣ୍ କୁହ ? ଆପଣଙ୍କ ଫୋନ ନମ୍ବର୍ ଟିକେ ଦେବେ। ମୁଁ କହିଲି ହଁ ଦେବିନି କାହିଁକିରେ। ଏହା କହି ଭ୍ୟାନିଟି ବ୍ୟାଗ୍‌ରୁ କାଗଜକଲମ ବାହାର କଲା ଭିତରେ ତାକୁ ପଚାରିଲି ଆରେ ଚଗଲା ତୁମେ କ'ଣ ଗୋଟେ କଥା କହିବ ବୋଲି କହୁଥିଲ ମୋତେ ଅନେକ ଦିନ ହେଲା ସେ କଥା ତ କିଛି କହିଲନି ? ନା ମାଡାମ ସେ ବହୁତ କଥା ପରେ କହିବି। ଆରେ ପୁଣି ପରେ କଣ ? ଏବେ କୁହ ! ହଉ ତେବେ ଶୁଣନ୍ତୁ ....ସେ ଯାହା କହିଲା ମୁଁ ତା କଥା ଶୁଣି ସ୍ତବ୍ଧ ହୋଇଗଲି। ଖୁବ୍ ଦୁଃଖ ପ୍ରକାଶ କଲି। ଏହି ସମୟରେ ଚିକିତ୍ସା କେନ୍ଦ୍ରରୁ ଜଣେ ପେସେଣ୍ଟଙ୍କର ଫୋନ ଆସିଲା, ଜଲଦି ଯାଇ କେନ୍ଦ୍ରରେ ପହଂଚିବାର ଅଛି ! ଚଗଲାସହ ଆଉ ଅଧିକ କିଛି କଥା ନ ହୋଇ ପାରି କର୍ତ୍ତବ୍ୟର ଦ୍ୱାହି ରେ ତର ତର ହୋଇ ଯିବା ଭିତରେ ଚଗଲାକୁ ଖାଲି ଏତିକି କହିଥିଲି ହଉ ବେଟା ମୁଁ ଯାଉଛି କାଲି କୁ କଥା ହେବା ଏବଂ ମୋ ମୋବାଇଲ ନମ୍ବର ମଧ୍ୟ ଲେଖି ଆଣିଥିବି ତୁମକୁ ଦେଇ ଦେବି, ବ୍ୟସ୍ତ ହୁଅନି। କହିଲା ହଉ ଠିକ ଅଛି ମାଡାମ ଯାନ୍ତୁ।

ଏହା ପରେ ଆମେ ନିଜ ନିଜ କାମରେ ଚାଲିଗଲୁ। ମୁଁ କେନ୍ଦ୍ର ରୁ ଘରକୁ ରାତି ୮ ଟାରେ ପହଞ୍ଚି ଦେଖେ ତ ମୋ ସ୍ୱାମୀ ଗେଟ୍ ପାଖରେ ମୋ ଆସିବା ବାଟକୁ ଖୁବ୍ ଉତ୍କଣ୍ଠାର ସହ ଚାହିଁ ରହି ଛନ୍ତି, ପହଞ୍ଚୁ ପହଞ୍ଚୁ କହି ପକାଇଲେ ହଁ ଶୁଣ ମୋର ଡେପୁଟେସନ ରେ ଦିଲ୍ଲୀ ଯିବାର ଅଛି ଅ ନିର୍ଦ୍ଧିଷ୍ଟ ସମୟ ପାଇଁ ତେଣୁ ଜିନିଷ ପତ୍ର ପ୍ୟାକିଂ କର ଆସନ୍ତା ସୋମବାରେ ଦିଲ୍ଲୀ ଯିବା ଫ୍ଲାଇଟ୍ ଟିକେଟ ବି ହୋଇ ଯାଇଛି। ମୁଁ ଶୁଣି ଆଶଚର୍ଯ୍ୟଚକିତ ହେଲି ଆରେ ଏମିତି ହଠାତ୍ ହଠାତ୍ କଣ୍ ଯେ ? ଯାହା ବି ହେଉ ଅଫିସର ଆଦେଶ କୁ ମାନି ବାକୁ ହେବ ଦିଲ୍ଲୀ ଯିବାକୁ ହିଁ ପଡ଼ିବ। ସେହି ସମୟ ରୁ ହିଁ ମାନସିକ ଭାବେ ପ୍ରସ୍ତୁତ ହେଲି ଦିଲୀ ଯିବା ପାଇଁ। ତା'ପର ଦିନ ଚଗଲା କୁ ଫୋନ ନମ୍ବର ଦେବି। ଆମର ଦିଲ୍ଲୀ ଯିବା କଥା ଜଣାଇ ବି ବୋଲି ଏକ ଦ୍ୱନ୍ଦ ମନରେ ସନ୍ତାପି ହେଲି। ସେ ମୋ ଯିବା କଥାକୁ କିପରି ଭାବରେ ଗ୍ରହଣ କରିବ କି ନାହିଁ ବୋଲି ମନରେ ଅନେକ ଭାବନା ଆସୁଥାଏ। ଯାହା ବି ହେଉ ସବୁ ଦିନ ପରି ଅପରାହ୍ନ ୪ ଟାରେ ବାହାରି ପଡିଲି, ମୋ କାର୍ଯ କ୍ଷେତ୍ର କୁ। ସେଦିନ୍ ଦେଖିଲି ସବୁ ଦିନ ପରି ଚଗଲା ମୋତେ ଚାହିଁ ? ସେଠି ଠିଆ ହୋଇ ନାହିଁ , ଚାରି ଆଡ଼େ ଆଖି ବୁଲେଇ,ଭଲ ଭାବରେ ଦେଖି ନେଲି। ସେଦିନ ଆଉ ଚଗଲା ର ଦେଖା ପାଇଲିନି। ଭାବିଲି ତା' ପର ଦିନ ଚଗଲା ସହ ଦେଖା ହେବ ତାହା ବି ହେଲାନି। ଏମିତି ଅପେକ୍ଷା ରେ ଅପେକ୍ଷା ରେ ୫ ଦିନ କଟିଗଲା। ହେଲେ ତାକୁ ଦେଖା ନ କରି ମୁଁ ଦିଲ୍ଲୀ ଚାଲିଗଲି। କିନ୍ତୁ ମନ ବହୁତ୍ କଷ୍ଟ ହେଲା, ତାକୁ ମନରେ ଭାବି ଭାବି ଦିଲ୍ଲୀ ରେ କିଛି ବର୍ଷ କଟି ଗଲା। ଅନେକ ସମୟରେ ତା'କଥା ମନେ ପଡେ। ଦିଲ୍ଲୀ ରୁ ଫେରିବା ପରେ ଭାବି ଥିଲି ,ମୋ ସ୍ନେହର ଚଗଲାକୁ ମୁଁ ପୁଣି ପାଇ ଯିବି। କିନ୍ତୁ ଆଜି ଯାଏ ତାକୁ ଆଉ ପାଉ ନାହିଁ ମୋ ଆଖିରେ ତା'ଦରୋଟି ହସ ଦିଶି ଯାଉଛି। ତା' ଚୁଲ୍ ବୁଲିଆ ଚଗଲିଆ କଥା ମୋ କାନରେ ଯେମିତି ବାର୍ ବାର୍ ଶୁ ଭି ଯାଉଛି। ତା'ର ସେହି ନିରୀହ ଚକ୍ଷୁ ପଛଲ୍‌ର ଚାହାଣୀ ମୋ ସାମ୍ନାରେ ଯେମିତି

ପ୍ରତି ମୁହୂର୍ତ୍ତରେ ନାଚି ଯାଉଛି। ଆବେଗ ଭରା ମନ ରେ ମୁଁ ତାକୁ ଅପେକ୍ଷା କରିଛି, ଚାହିଁ ରହିଛି। ହୃଦ ସ୍ପନ୍ଦନ ବଢ଼ି ଯାଉଛି ,ମନ ର ଆଶଙ୍କା ବାର୍ ବାର୍ ଆନ୍ଦୋଳିତ କରୁଛି ଆତ୍ମାକୁ। ତା'ର କିଛି ଅସୁବିଧା ହୋଇନି ତ ? ଆରେ ଚଗଲା ତୁ କୁଆଡେ ଗଲୁରେ ? ତୋ ପ୍ରିୟ ମାଡ଼ାମ୍‌କୁ ଭୁଲି ତୁ କେମିତି ରହିଛୁରେ !

ତୋର ମନେ ପଡୁନି ମୋ କଥା ? ମୋର କିନ୍ତୁ ତୋ କଥା ସବୁବେଳେ ମନେ ପଡୁଛି। ଏ ଆଖି ତୋତେ ସବୁଆଡେ ଖୋଜୁଛି ,ଏ ସହର ର ଗଳି କନ୍ଦିରେ ପ୍ରତି ଜାଗାରେ, ହେଲେ ତୁ ଦେଖା ଦେଉନୁ। କାହିଁକି ବା ଦେଖା ଦେବୁ ! ତୁ କଣ ଆଉ ମୋତେ ମନେ ରଖି ଥିବୁ ? ତୁ ତ ଏବେ ବଡ ହୋଇ ଯିବୁଣି କଲେଜରେ ପାଠ ବୁଣି। କେତେ ସାଙ୍ଗ ସାଥିଙ୍କ ମେଲ୍‌ରେ ମିଶୁଥିବୁ ମଜା ମାଜଲିସ୍ କାରୁଥିବୁ। ତୋ କିଶୋର ମନରେ କେତେ ଚଗଲାମି, ଚପଳା ମି, ଧସେଇ ପଶୁଥିବ। ତୋ ମନ ରେ କେତେ ନୂତନ ଶିହରଣ ଜାଗୁ ଥିବ, ପାଠ ପଢ଼ିବୁ ,ଭଲ ଚାକିରୀ କରିବୁ,କେତେ ବାସ୍ତବ ଅ ବାସ୍ତବ ସ୍ୱପ୍ନ ଭିତରେ ବୁଡ଼ି ରହି ଥିବୁ। ଫୁଲ ବଗିଚାରେ ପ୍ରଜାପତି ଙ୍କ ମେଳରେ ଘୂରି ବୁଲୁ ଥିବୁ ...। ତୁ ବା କାହିଁ ମୋତେ ମନେ ପକେଇବୁ !

ମୁଁ ତୋର କିଏ କି ? ମୁଁ ଯଦି ତୋର ଆପଣାର ହୋଇ ଥାନ୍ତି ତୁ କଣ୍ ମୋତେ ଭୁଲି ରହି ଥାନ୍ତୁ ? ଆରେ ଏସବୁ ମୁଁ କଣ କହୁଛି ମ !!!! ମୁଁ ଆଜି ତୋ ସ୍ଥିତି ପରିସ୍ଥିତି କୁ ନେଇ ବହୁତ୍ ଚିନ୍ତିତ। ଭାବୁଥିଲି ଦିଲ୍ଲୀ ରୁ ଆସିଲା ପରେ ତୋ ସହ ମୋର ନିଶ୍ଚୟ ଦେଖା ହେବ ,ହେଲେ !

ନା ! ଆଜି ଯାଏଁ ଦେଖା ହେଲା ନାହିଁ। ତୁ ଭଲ ରେ ଅଛୁ ତ ଚଗଲା ? ମୋ ମନରେ ଆଜି ଅନେକ ପ୍ରଶ୍ନ ବାଚୀ !!!!! ସେଦିନ ତୋତେ ମୋ ଫୋନ ନମ୍ବର ଟି ନ ଦେଇ ଚାଲିଗଲି ସେଥିପାଇଁ ମୋ ଉପରେ ରାଗି କି ଏତେ ବଡ଼ ନିଷ୍ପତ୍ତି ନେଇ ଗଲୁ ମୋତେ ଦେଖା ନ କରିବାର ସଙ୍କଳ୍ପରେ ରହି ଗଲୁ ? ନା ଆଉ କିଛି ! ସତରେ ଚଗଲା ମୁଁ ବହୁତ୍ ବଡ଼ ଦୋଷୀ ତୋ ପାଖରେ। ମୁଁ ଆଜି ହାରି ଯାଇଛି ରେ !!! ନିଜକୁ କ୍ଷମା କରି ପାରୁନି, ସେଦିନ ଯଦି ତୋତେ ଫୋନ ନମ୍ବରଟି ଦେଇଥାନ୍ତି କିମ୍ବା ତୋ ଫୋନ୍ ନମ୍ବର୍‌ଟି ମୁଁ ରଖି ଥାଆନ୍ତି ତେବେ ଆଜି ମୁଁ ତୋତେ ଅନ୍ଧ ପରି ଚର୍ତୁ ଦି ଗ ରେ ଅଣ୍ଡାଳି ବୁଲି ନ ଥାନ୍ତି।

ବର୍ଷ ବର୍ଷ ଧରି ଏମିତି ମାୟା ଡୋରିରେ ମୋତେ ବାନ୍ଧି ରଖି ଥିଲୁ,ପୁଣି ଏମିତି ଭାବ ରେ ସେ ଡୋରି ର ବନ୍ଧନ କୁ ଛିଡାଇ କୁଆଡେ ହଜି ଗଲୁ ତୁ ? ଆଜି ମୋ ମନରେ ଉଙ୍କି ମାରୁଛି ଅନେକ ପ୍ରଶ୍ନବାଚୀ !! ତୁ କି ମାୟା ମୋ ସହ ଲଗେଇ ଥିଲୁ, କାହିଁକି ମୋତେ ଏତେ ଭଲ ପାଉ ଥିଲୁ... କି.ସୁଖ ପାଉଥିଲୁ କି ଶାନ୍ତି ପାଉଥିଲୁ ,ପୁଣି ହଠାତ୍ ଏମିତି ମୋତେ ପର କରି ମୋ ସହ ଲୁଚକାଳି ଖେଳିଲୁ ଯେ ମୋତେ ଆଉ ଧରା ଦେଲୁନି। ସାତ ପର କରି କୁଆଡେ ଲୁଚିଗଲୁ। ମୁଁ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ତୋତେ ଅଣ୍ଡାଳି ବୁଲୁଛି ବିରାଟ ପୃଥିବୀର କୋଣ ଅନୁକୋଣ। ତୁ ଯାହାକୁ ଏତେ ଭଲ ପାଉ ଥିଲୁ ଦିନେ ନ ଦେଖିଲେ ତୋ ପାଠ ପଢାରେ ଖାଇବା ପିଇବା ରେ ମନ ଲାଗୁ ନଥିଲା ବୋଲି,କେତେ ଥର କହିଥିବୁ ମୋତେ ! ତୁ ପୁଣି ତାକୁ କିଛି ନ ଜଣେଇ କାହିଁକି ତା' ଠାରୁ ଦୂରେଇ ଗଲୁ ? ଏବେ କେଉଁ ଠାରେ ଅଛୁ ,କେମିତି ଅଛୁ ? ତୁ ଠିକ୍ ଠାକ୍ ଅଛୁ ନା ଚଗଲା ?

ମାଆ ଛେଉଣ୍ଡ ପିଲାଟି,ବୋଲି ତୋ ସହିତ ସେହି ଶେଷ ଦିନ ସାକ୍ଷାତରେ ଜାଣିଥିଲି, ସେଦିନ ମୋତେ ଖୁ ଜୋରରେ ଜାବୁଡି ଧରି କହିଥିଲୁ ମାଡାମ ମୁଁ ଆପଣଙ୍କୁ ମା' ବୋଲି ଡାକି ପାରିବି ? ମୁଁ ତୋତେ ଖୁ ନିବିଡ ତାରେ କୋଳେଇ ନେଇ ଥିଲି ଏବଂ କହିଥିଲି, କାହିଁକି ନୁହେଁ ରେ ଚଗଲା ? ତୁ ନିଶ୍ଚିତ ମୋତେ ମା ଡାକି ପାରିବୁ। ତା'ପରେ ବୁଝିଲି ତୁ ମୋତେ ଏତେଭଲ ପାଉଥିଲୁ କାହିଁକି ନା ,ମୋ ପାଖରୁ ତୋ ମାଆର ସ୍ନେହ ଖୋଜୁଥିଲୁ, ମୋତେ ସେହି ଅନାବିଳ ମାତୃ ସ୍ନେହର ଅନୁଭବକୁ ଉପଲବ୍ଧି କରିବାର ସମୟ ପୂର୍ବରୁ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲୁ। ଅରେ ଚଗଲା ତୁ କେବେ ପୁଣି ଫେରି ଆସିବୁ ମୋ ପାଖକୁ ସେହି ମାୟା ଜାଲରେ ଛନ୍ଦି ଦେବା ପାଇଁ ମୋତେ ! ମୋ କୋହଭରା ହୃଦୟରେ ପାଗଳୀ ପରି ଆପେକ୍ଷା କରିଛି, ଆଦରରେ କୋଳେଇ ନେବାପାଇଁ ତୋତେ। ମୋ ସୁନା ଚଗଲା ଟା ମୋ ଧନ ତୁ ମୋ ପାଖକୁ ଫେରି ଆରେ। ତୋ ପ୍ରିୟ ମାଡାମ କୁ ଭୁଲି ତୁ କେମିତି ରହିଛୁରେ ? ମୁଁ କ'ଣ ତୋର ସେହି ସ୍ୱର୍ଗୀୟ ଅମୃତ ମୟୀ.ମା'ର ସ୍ନେହ ଦେଇ ପାରିବିନି ତୋତେ ?

*ଭୁବନେଶ୍ୱର, ଖୋର୍ଦ୍ଧା*
*ମୋ: ୯୭୭୭୫୯୯୬୯୫*

ଜାତୀୟ ଚେତନା
JATIYA CHETANA



# କୋଚ୍ ଜେଲେଜ୍‌ନୀଙ୍କଠାରୁ ଅଲଗା ହେଲେ ନୀରଜ

ନୂଆଦିଲ୍ଲୀ,(ସ୍ୱ.ପ୍ର): ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଏବଂ ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଶନିବାର ଚେକ୍ ଗଣରାଜ୍ୟର ମହାନ କୋଚ୍ ଜାନ୍ ଜେଲେଜ୍‌ନୀଙ୍କ ସହ ନିଜ ଚୁକ୍ତି ସମାପ୍ତ ଘୋଷଣା କରିଛନ୍ତି। ଏହି ଚୁକ୍ତି କେବଳ ଗୋଟିଏ ସିଜନ୍ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା, ଯାହାକୁ ନୀରଜ ପ୍ରଗତି, ପାରସ୍ପରିକ ସମ୍ମାନ ଏବଂ ଖେଳ ପ୍ରତି ଗଭୀର ବିଶ୍ୱାସରେ ଭରି ରହିଥିବା କହିଛନ୍ତି। ତେବେ ଏହି ଚୁକ୍ତି ସମାପ୍ତର ନୀରଜ କୋଣସି ନିର୍ଦ୍ଦିଷ୍ଟ କାରଣ ଜଣାଇ ନାହାନ୍ତି।



ଜାନ୍ ଜେଲେଜ୍‌ନୀ ଜାଭେଲିନ୍ ଥ୍ରୋ ଇତିହାସର ସବୁଠୁ ମହାନ୍ ଖେଳାଳିଙ୍କ ମଧ୍ୟରେ ଅନ୍ୟତମ ଏବଂ ବିଶ୍ୱ ରେକର୍ଡଧାରୀ ମଧ୍ୟ। ତାଙ୍କ ଦିଗ୍‌ଦର୍ଶନରେ ନୀରଜ ଗତବର୍ଷ ପ୍ରଥମ ଥର ୯୦ ମିଟର୍ ମାର୍କ ପାର୍ କରିଥିଲେ। ନିଜ ଅନୁଭବ ଶେୟାର୍ କରି ନୀରଜକହିଛନ୍ତି, ଯେଉଁ ଖେଳାଳିଙ୍କୁ ସେ ପିଲାଦିନରୁ ନିଜ ଆଦର୍ଶ ମାନିଆସିଛନ୍ତି, ତାଙ୍କଠାରୁ ସିଧା ଶିଖିବା ତାଙ୍କ ପାଇଁ ସ୍ୱପ୍ନ ସତ୍ୟ ହେବା ପରି ଥିଲା। ସେ କହିଛନ୍ତି, ଜେଲେଜ୍‌ନୀଙ୍କ ସହ କାମ କରି ମୋତେ ଏକ ନୂଆ ଟୁଲ୍‌ବକ୍ସ ନୂଆ ଏକ୍ସରସାଇଜ୍, ଟେକ୍ନିକାଲ୍ ବିଚାର ଏବଂ ଖେଳକୁ ଦେଖିବାର ନୂଆ ଦୃଷ୍ଟିକୋଣ ମିଳିଛି। ଟେକ୍‌ନିକ୍ ଏବଂ ମୁଭ୍‌ମେଣ୍ଟକୁ ନେଇ ତାଙ୍କ ଚିନ୍ତାଧାରା ଅଦ୍ଭୁତ। ପ୍ରତ୍ୟେକ ସେସନ୍‌ରେ ମୁଁ କିଛି ନୂଆ ଶିଖିଛି। ମୋ ଜୀବନର ଆଦର୍ଶଙ୍କ ସହିତ ଏକ ଗଭୀର ବନ୍ଧୁତା ସୃଷ୍ଟି କରିଥିବା ମୋ ପାଇଁ ସବୁଠୁ ଗର୍ବର ବିଷୟ। ଜେଲେଜ୍‌ନୀ କେବଳ ଜଣେ ସବୁଠୁ ମହାନ୍ ଜାଭେଲିନ୍ ଥ୍ରୋୟର୍ ନୁହନ୍ତି, ବରଂ ସବୁଠୁ ଉନ୍ନତ ମଣିଷଙ୍କ ମଧ୍ୟରେ ଅନ୍ୟତମ। ଜାନ୍ ଜେଲେଜ୍‌ନୀ ମଧ୍ୟ ଏହି ଯୋଡ଼ିକୁ ନେଇ ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, 'ନୀରଜଙ୍କ ପରି ଆଥ୍‌ଲେଟ୍‌ଙ୍କ ସହ କାମ କରିବା ଏକ ଚମତ୍କାର ଅନୁଭବ ହୋଇଛି। ମୁଁ ଖୁସି ଯେ ତାଙ୍କୁ ପ୍ରଥମ ଥରରେ ୯୦ ମିଟର ବାଧା ପାର୍ କରାଇବାରେ ସହାୟତା କରିଛି। ସେ ଆହୁରି କହିଛନ୍ତି, ବିଶ୍ୱ ଚାମ୍ପିଅନ୍‌ଶିପ୍‌କୁ ଛାଡ଼ିଦେଲେ ନୀରଜ ପ୍ରାୟ ପ୍ରତ୍ୟେକ ପ୍ରତିଯୋଗିତାରେ ଅତିକମ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହା ଏକ ଉନ୍ନତ ରକର୍ଡ। ତେବେ ଟୋକିଓ ପ୍ରତିଯୋଗିତାର ୧୨ ଦିନ ପୂର୍ବରୁ ପିଠି ଆଘାତ ତାଙ୍କ ପ୍ରଦର୍ଶନକୁ ବହୁ ପ୍ରଭାବିତ କରିଛି।

# ସିଡ୍‌ନୀ ଟେଷ୍ଟ: ୫ ୱିକେଟ୍‌ରେ ଜିତିଲା ଅଷ୍ଟ୍ରେଲିଆ

ସିଡ୍‌ନୀ,(ସ୍ୱ.ପ୍ର): ସିଡ୍‌ନୀରେ ଖେଳାଯାଇଥିବା ଚଳିତ ଆଶେସ୍ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟ୍‌ରେ ଅଷ୍ଟ୍ରେଲିଆ ୫ ୱିକେଟ୍‌ରେ ଇଂଲଣ୍ଡକୁ ହରାଇ ସିରିଜ୍ ୪-୧ରେ ନିଜ ନାମରେ କରିଛି। ଇଂଲଣ୍ଡ ଦ୍ୱିତୀୟ ଇନିଂସ୍‌ରେ ଅଷ୍ଟ୍ରେଲିଆ ଆଗରେ ୧୬୦ ରନ୍‌ର ଲକ୍ଷ୍ୟ ରଖିଥିଲା, ଯାହାକୁ ଘରୋଇ ଟିମ୍ ପଞ୍ଚମ ଦିନର ଟି ବ୍ରେକ୍ ପୂର୍ବରୁ ହିଁ ହାସଲ କରିନେଇଛି। ଅନ୍ୟପକ୍ଷରେ ଉସ୍‌ମାନ୍ ଖ୍ୱାଜା ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ ନିଜର କ୍ୟାରିୟର୍‌ର ଶେଷ ଟେଷ୍ଟ୍ ଖେଳିଛନ୍ତି। ଖ୍ୱାଜା ସିଡ୍‌ନୀ ଟେଷ୍ଟ୍ ପୂର୍ବର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଥିଲେ। ମ୍ୟାଚ୍‌ର ଅନ୍ତିମ ଦିନ ଇଂଲଣ୍ଡ ୩୦୨/୮ ସ୍କୋର୍‌ରୁ ଅସମାପ୍ତ ଦ୍ୱିତୀୟ ଇନିଂସ୍ ଆଗକୁ ଖେଳିଥିଲା। ମାତ୍ର ପୂରା ଟିମ୍ ୩୪୨ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଏହା ସହିତ ଅଷ୍ଟ୍ରେଲିଆକୁ ବିଜୟ ପାଇଁ ୧୬୦ ରନ୍‌ର ଲକ୍ଷ୍ୟ ମିଳିଥିଲା। କଙ୍ଗାରୁ ଟିମ୍ ୫ ୱିକେଟ୍ ହରାଇ ୩୧.୨ ଓଭର୍‌ରେ ଏହା ହାସଲ କରିନେଇଛି। ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଂସ୍‌ରେ ୩୮୪ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଶତକ ସହାୟତାରେ ୫୬୭ ରନ୍‌ର ବିଶାଳ ସ୍କୋର୍ ଛିଡ଼ା କରିବା ସହିତ ୧୮୩ ରନ୍‌ରେ ଆଗୁଆ ରହିଥିଲା। ହେଡ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଏବଂ ମିଚେଲ୍ ଷ୍ଟାର୍କ (ସର୍ବାଧିକ ୩୧ ୱିକେଟ୍)ଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ବିବେଚିତ କରାଯାଇଛି।

## ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ସକର୍‌ରେ ଓଡ଼ିଶା ମହିଳା ଟିମ୍ ଚାମ୍ପିଅନ୍

କଟକ,(ଜା.ପ୍ର): ଡିଫେଣ୍ଡିଂ ଚାମ୍ପିଅନ୍ ଓଡ଼ିଶା ମହିଳା ଟିମ୍ ଦିଉର ଘୋଘଲା ବିଚ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଗେମ୍ସ ୨୦୨୬ରେ ବିଜୟୀ ହୋଇ ବିଚ୍ ସକର୍ ଚାମ୍ପିଅନ୍ ହୋଇଛି। ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଓଡ଼ିଶା ୨-୧ରେ ଗୁଜରାଟକୁ ହରାଇ ଦେଇ ଦ୍ୱିତୀୟ ଥର ପାଇଁ ଖେଲୋ ଇଣ୍ଡିଆ ବିଚ୍ ସକର୍ ଟାଇଟଲ୍ ହାସଲ କରିଛି। ଖୁଣ୍ଡୋଙ୍ଗ୍‌ବାମ୍ ଅମ୍ବାଳିକା ୨୮ତମ ମିନିଟ୍‌ରେ ଓଡ଼ିଶା ପକ୍ଷରୁ ମ୍ୟାଚ୍ ବିଜୟୀ ଗୋଲ୍‌ଟି ସ୍କୋର୍ କରିଥିଲେ। ଏହା ପୂର୍ବରୁ ଦ୍ୱିତୀୟ କ୍ୱାର୍ଟର୍ ଶେଷ ବେଳକୁ ସ୍ଥିତି ୧-୧ ରହିଥିଲା। ମନୀଷା ନାଏକ ମ୍ୟାଚ୍‌ର ୧୩ଶ ମିନିଟ୍‌ରେ ଗୋଲ୍ ଦେଇ ଓଡ଼ିଶାକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ।

# ଶ୍ରେଷ୍ଠ ଫିଚର ରେସ୍‌ରେ 'କାନ୍ତାରା: ଚାପ୍ଟର ୧' ଓ 'ତନଭି ଦ ଗ୍ରେଟ୍' ସାମିଲ୍

୯୮ତମ ଏକାଡେମୀ ପୁରସ୍କାର ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇସାରିଛି। ଓସ୍କାର ୯୮ତମ ସମାରୋହ ମାର୍ଚ୍ଚ ୧୫, ୨୦୨୬ ଲସ ଆଞ୍ଜେଲସ ୱାର୍ଲଡ ଥିଏଟରରେ ଆୟୋଜିତ ହେବାକୁ ଯାଉଛି। ଚଳିତ ବର୍ଷ ଅନେକ ଭାରତୀୟ ଫିଲ୍ମ ବି ଏଥିରେ ନିଜର ଜଲୱା ଦେଖାଇବାକୁ ପ୍ରସ୍ତୁତ। ୨୦୨୬ ପାଇଁ ଅନେକ ଭାରତୀୟ ଫିଲ୍ମ ଓସ୍କାର ଦୌଡ଼ରେ ସାମିଲ ହୋଇଛି। ପୂର୍ବରୁ 'ହୋମବାଉଣ୍ଡ' ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ବର୍ଗ ପାଇଁ ସର୍ଟଲିଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ଶ୍ରେଷ୍ଠ ଫିଚର ରେସରେ ସାମିଲ ହୋଇଛନ୍ତି ଆଉ ଦୁଇଟି ଭାରତୀୟ ଫିଲ୍ମ ଋଷଭ ଶେଟ୍ଟୀଙ୍କ 'କାନ୍ତାରା: ଚାପ୍ଟର ୧' ଓ ଅନୁପମ ଖେରଙ୍କ 'ତନଭି ଦ ଗ୍ରେଟ'।

ଏକାଡେମୀ ଅନୁଯାୟୀ, ଚଳିତ ବର୍ଷ ମୋଟ ୩୧୭ଟି ଚଳଚ୍ଚିତ୍ର ଓସ୍କାର ବିବେଚନା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ତଥାପି, ଏହି ସଂଖ୍ୟା ଗତ ବର୍ଷ (୩୨୩ଟି ଚଳଚ୍ଚିତ୍ର) ତୁଳନାରେ ସାମାନ୍ୟ କମ୍। ସବୁଠାରୁ ଆକର୍ଷଣୀୟ କଥା ହେଉଛି, ୨୦୧ଟି ଚଳଚ୍ଚିତ୍ରକୁ ମୁଖ୍ୟ ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗ ପାଇଁ ଯୋଗ୍ୟ ବିବେଚିତ କରାଯାଇଛି। ଏହି ଫିଚର ଫିଲ୍ମ ତାଲିକାରେ 'କାନ୍ତାରା: ଚାପ୍ଟର ୧' ଓ 'ତନଭି ଦ ଗ୍ରେଟ' ଭାରତୀୟ ଫିଲ୍ମ ସାମିଲ ହୋଇଛି ।

ଏକାଡେମୀ ଅଫ୍ ମୋସନ୍ ପିକଚର୍ ଆର୍ଟସ୍ ଆଣ୍ଡ୍ ସାଇନ୍‌ସେସ୍ ଘୋଷଣା କରିଛି ଯେ ଏହି ଚଳଚ୍ଚିତ୍ରଗୁଡ଼ିକ ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ ସମସ୍ତ ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛି। ଏହା ବ୍ୟତୀତ, ଚଳଚ୍ଚିତ୍ରଗୁଡ଼ିକୁ ୪ଟି ଏକାଡେମୀ ଅନ୍ତର୍ଭୁକ୍ତି ମାନଦଣ୍ଡ ମଧ୍ୟରୁ ଅତି କମରେ ୨ଟି ପୂରଣ କରିବାକୁ ପଡୁଥିଲା ଏବଂ ସେମାନଙ୍କର ପ୍ରାରମ୍ଭିକ ମୁକ୍ତିର ୪୫ ଦିନ ମଧ୍ୟରେ ଆମେରିକାର ଶ୍ରେଷ୍ଠ ୫୦ ବଜାର ମଧ୍ୟରୁ ୧୦ଟିରେ ପ୍ରଦର୍ଶନ କରିବାକୁ ପଡୁଥିଲା। ଏହି ସମସ୍ତ ଆବଶ୍ୟକତା ପୂରଣ କରିବା ପରେ, 'କାନ୍ତାରା: ଚାପ୍ଟର ୧' ଓ 'ତନଭୀ ଦ ଗ୍ରେଟ' ବର୍ତ୍ତମାନ ବିଶ୍ୱ ମଞ୍ଚରେ ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଯାଇଛନ୍ତି। ପୂର୍ବରୁ ନଭେମ୍ବର ୨୦୨୫ ରେ, ଏକାଡେମୀ ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ, ଆନିମେଟେଡ୍ ଫିଚର ଏବଂ ଅନ୍ତର୍ଜାତୀୟ ଫିଚର ଫିଲ୍ମ ପାଇଁ ଯୋଗ୍ୟତା ତାଲିକା ପ୍ରକାଶ କରିଥିଲା, ଯେଉଁଥିରେ ମୋଟ ୩୧୭ଟି ଚଳଚ୍ଚିତ୍ର ଅନ୍ତର୍ଭୁକ୍ତ ଥିଲା। ତେବେ ଏକାଡେମୀ ପୁରସ୍କାର ମନୋନୀତଙ୍କ ଫାଇନାଲ୍ ଘୋଷଣା ଜାନୁଆରୀ ୨୨ରେ ପ୍ରକାଶିତ ହେବ । 'କାନ୍ତାରା ଚାପ୍ଟର ୧' ବିଷୟରେ କହିବାକୁ ଗଲେ, ଏହା ଋଷଭ ଶେଟ୍ଟୀଙ୍କ ଦ୍ୱାରା ଲିଖିତ, ନିର୍ଦ୍ଦେଶିତ। ୨୦୨୫ ଦୀପାବଳି (ଅକ୍ଟୋବର ୨) ରେ ଋଷଭ ଶେଟ୍ଟୀଙ୍କ ଆକ୍ସନ୍ ଫିଲ୍ମ 'କାନ୍ତାରା: ଚାପ୍ଟର ୧' ମୁକ୍ତିଲାଭ କରିଥିଲା ଏବଂ ଏହା ବର୍ତ୍ତମାନ ୨୦୨୫ ର ସର୍ବାଧିକ ଆୟକାରୀ ଫିଲ୍ମର ଆଖ୍ୟା ପାଇଥିଲା। ୧୩୦ କୋଟି ବଜେଟରେ ନିର୍ମିତ 'କାନ୍ତାରା: ଚାପ୍ଟର ୧' ଭାରତରେ ୬୨୨.୫ କୋଟି ଏବଂ ସାରା ବିଶ୍ୱରେ ୮୫୩.୪ କୋଟି ଆୟ କରିଥିଲା। ଏହି ଫିଲ୍ମଟି ବ୍ଲକବଷ୍ଟର ଟ୍ୟାଗ୍ ଅର୍ଜନ କରିଛି। 'ତନଭି ଦ ଗ୍ରେଟ' ବିଷୟରେ କହିବାକୁ ଗଲେ, ଅନୁପମ ଖେରଙ୍କ ନିର୍ଦ୍ଦେଶିତ 'ତନଭି ଦ ଗ୍ରେଟ୍'। ଯାହା କାନ୍ସ ଫିଲ୍ମ ଫେଷ୍ଟିଭାଲରେ ମାର୍ଚ୍ଚେ ଡୁ ଫିଲ୍ମରେ ଏହାର ବିଶ୍ୱ ପ୍ରିମିୟର ହୋଇଥିଲା। ଅଭିନେତା ଅନୁପମ ଖେର, ଶୁଭାଙ୍ଗୀ ତନଭି ରୈନାଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

# 'ଧୁରନ୍ଧର'କୁ ପଛରେ ପକାଇଲା 'ଦ ରାଜା ସାବ'





ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ହରର-କମେଡି 'ଦ ରାଜା ସାବ' ରିଲିଜ ହୋଇଛି। ମାରୁତିଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ରିଲିଜ୍ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ସୃଷ୍ଟି କରିଥିଲା। ଫିଲ୍ମ ଦେଖି ଦର୍ଶକ ମିଶ୍ରିତ ପ୍ରତିକ୍ରିୟା ଦେଇଥିଲେ। ଏଥିସହ ଅନେକ ଫିଲ୍ମକୁ ନେଇ ସମାଲୋଚନା ମଧ୍ୟ କରିଥିଲେ। ଏହାରି ମଧ୍ୟରେ ଫିଲ୍ମ ପ୍ରଥମ ଦିନରେ ଦମଦାର ପ୍ରଦର୍ଶନ ସହ କୋଟି କୋଟି ଟଙ୍କା ଆୟ କରିବାରେ ସଫଳ ହୋଇଛି।

ସାକନିକଙ୍କ ଅନୁଯାୟୀ, ରିଲିଜର ପ୍ରଥମ ଦିନରେ, 'ଦ ରାଜା ସାବ' ବକ୍ସ ଅଫିସରେ ୫୪.୧୫ କୋଟି ଟଙ୍କା ରୋଜଗାର କରିଛି। ପ୍ରିମିୟର କଲେକ୍ସନକୁ ମିଶାଇ, ଚଳଚ୍ଚିତ୍ରଟିର ମୋଟ ଆୟ ଏବେ ୬୩ କୋଟି ଟଙ୍କାରେ ପହଞ୍ଚିଛି। ଏହି ଓପନିଂ ସଂଖ୍ୟାଗୁଡ଼ିକୁ ଏକ ହରର-କମେଡି ଚଳଚ୍ଚିତ୍ର ପାଇଁ ଦୃଢ଼ ବୋଲି ବିବେଚନା କରାଯାଏ ଏବଂ ବକ୍ସ ଅଫିସରେ, ବିଶେଷକରି ତେଲୁଗୁ ଭାଷାଭାଷୀ ଅଞ୍ଚଳରେ ପ୍ରଭାସଙ୍କ ଲୋକପ୍ରିୟତାକୁ ପ୍ରତିଫଳିତ କରେ। 'ଦ ରାଜା ସାବ' ପ୍ରଭାସଙ୍କ ଷଷ୍ଠ ସର୍ବାଧିକ ଓପନର ହୋଇଛି। 'ଦ ରାଜା ସାବ' ବକ୍ସ ଅଫିସରେ ଏକ ଦୃଢ଼ ଆରମ୍ଭ କରିଛି। ଏହାକୁ ଅଭିନେତାଙ୍କ ଷଷ୍ଠ ସର୍ବାଧିକ ଓପନର କରିଛି, ରାଧେ ଶ୍ୟାମଙ୍କ ଓପନିଂ ଦିନର ୪୩.୧ କୋଟି ଆୟ ଥିଲା। ଏହାର ରେକର୍ଡ ଭାଙ୍ଗିଛି। ଏଥିସହ ଫିଲ୍ମ ରଣଭୀର ସିଂଙ୍କ ଅଭିନୀତ ଫିଲ୍ମ 'ଧୁରନ୍ଧର' ଓପନିଂ ରେକର୍ଡ ଭାଙ୍ଗିଛି। 'ଧୁରନ୍ଧର' ପ୍ରଥମ ଦିନରେ ୨୭ କୋଟି ଆୟ କରିଥିଲା। ଯାହାର ରେକର୍ଡ ଭାଙ୍ଗି 'ଦ ରାଜା ସାବ' ୫୪.୧୫ କୋଟି ଆୟ କରିଛି। 'ଦ ରାଜା ସାବ' ମାରୁତି ଏହି ଫିଲ୍ମର ନିର୍ଦ୍ଦେଶନା ଦେବା ସହ ଫିଲ୍ମର କାହାଣୀ ମଧ୍ୟ ସେ ହିଁ ଲେଖିଛନ୍ତି। ପ୍ରଭାସଙ୍କ ବ୍ୟତୀତ ନିଧି ଅଗ୍ରୱାଲ, ମାଳବିକା ମୋହନନ ଏବଂ ରିଦ୍ଧି କୁମାର ମୁଖ୍ୟ ଅଭିନେତ୍ରୀ ଭାବେ ଅଭିନୟ କରିଛନ୍ତି। 'ଦ ରାଜା ସାବ' ପିପୁଲ୍ ମିଡିଆ ଫ୍ୟାକ୍ଟ୍ରି ବ୍ୟାନରରେ ଟିଜି ବିଶ୍ୱ ପ୍ରସାଦଙ୍କ ଦ୍ୱାରା ପ୍ରଯୋଜିତ। ସିନେମାଟୋଗ୍ରାଫି କାର୍ତ୍ତିକ ପଲାନି କରିଥିବା ବେଳେ ସଙ୍ଗୀତ ଦେଇଛନ୍ତି ଥମନ ଏସ୍ ଏବଂ ଫିଲ୍ମର ନିର୍ମାତା ଅଟନ୍ତି ଟିଜି ବିଶ୍ୱ ପ୍ରସାଦ। ଏଥିରେ ସଞ୍ଜୟ ଦତ୍ତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ